ଧରିତ୍ରୀ
DHARITRI

July 13-19, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ



# ଓଡ଼ିଶାର କଂସା, ପିତ୍ତଳ କାରିଗରି

କଂସା ପିତ୍ତଳ କାରିଗରିରେ ଓଡ଼ିଶାର ସ୍ଥାନ ସାରା ଦେଶରେ ସ୍ୱତନ୍ତ୍ର; ଯାହାକୁ ସ୍ୱତନ୍ତ୍ର କରିଛନ୍ତି ଏହାର କାରିଗରମାନେ। କିଏ କୌଳିକ ବୃତ୍ତିର ଦାୟରେ ଏହି କାରିଗରିକୁ ଆପଣେଇ ଥିବାବେଳେ ଆଉ କେହି କେହି ନିଜ ରୁଚିରେ। କିନ୍ତୁ ଏବେ ଉପଯୁକ୍ତ ବଜାର ଓ ସହାୟତା ଅଭାବରୁ ଯୁବପିଢ଼ି ଏବେ ଏହି କାରିଗରିକୁ ନେଇ ଦୋଛକିରେ...

୩
ପ୍ରଚ୍ଛଦ ପ୍ରସଙ୍ଗ



## ଶନିଦେବଙ୍କ କୃପା ଦୃଷ୍ଟି ପାଇଁ...

**ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...**



✲ ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ। ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

✲ ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ। କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡ୍ଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ।

✲ ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ।

✲ ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

✲ ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ।

✲ ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ। ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ।

✲ ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ।

✲ ସକାଳ ଅବା ସନ୍ଧ୍ୟା ସମୟ ଦାନ ପାଇଁ ଉପଯୁକ୍ତ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୩-୧୯, ୨୦୨୫

**ମେଷ**

ସୁନିୟନ୍ତ୍ରିତ ସ୍ୱାସ୍ଥ୍ୟ, କର୍ମପ୍ରବାହର ଅଗ୍ରଗତି, ସଫଳତାର ସମ୍ଭାବନା, ପାରିବାରିକ ସୁଖ ସୌହାର୍ଦ୍ଦ୍ୟ, ମାନସିକ ଅସ୍ଥିରତା, ଅର୍ଥନୈତିକ ଅଭିବୃଦ୍ଧି, ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ॥

**ବୃଷ**

କର୍ମକ୍ଷେତ୍ରରେ ପ୍ରତିରୋଧ, ପ୍ରଶାସନିକ ଆଲୋଚନା, ସାଂଗଠନିକ ସଭାସମିତି, ସାହିତ୍ୟାନୁରାଗ, ବ୍ୟବସାୟିକ ଉନ୍ନତି, ଆଇନ ସହାୟତା ପ୍ରାପ୍ତି, ଆତ୍ମୀୟଙ୍କ ଅସହଯୋଗ, ପାରିବାରିକ ମତାନ୍ତର, ମାନସିକ ଦୁଶ୍ଚିନ୍ତା ॥

**ମିଥୁନ**

ଶାରୀରିକ ସୁସ୍ଥତା, ଆର୍ଥିକ ଅନଟନ, ନୂତନ କାର୍ଯ୍ୟାରମ୍ଭ, ବୁଦ୍ଧିଜୀବୀଙ୍କ ପରାମର୍ଶ, ସଭାସମିତିକୁ ନିମନ୍ତ୍ରଣ, ଫଳପ୍ରଦ ଆଲୋଚନା, ଗଠନମୂଳକ ପରାମର୍ଶ, ରାଜନୈତିକ ପୃଷ୍ଠପୋଷକତା, ଜମିଜମା କ୍ରୟବିକ୍ରୟ ॥

**କର୍କଟ**

ଦୈହିକ ଦୁର୍ବଳତା, କର୍ମଜଞ୍ଜାଳ ବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ଆନୁଷଙ୍ଗିକ ସହଯୋଗ, ଅନୁକୂଳ ବାତାବରଣ, ପ୍ରତିବନ୍ଧକ ଦୂର ହେବ, ନିର୍ମାଣ କାମ ଧିମେଇବ, ମାଙ୍ଗଳିକ କାର୍ଯ୍ୟରେ ବାଧା, ସାଂସ୍କୃତିକ କାର୍ଯ୍ୟାରମ୍ଭ ॥

**ସିଂହ**

ନୂତନ ଯୋଜନାରମ୍ଭ, ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ, ସମସ୍ୟାର ସମାଧାନ, ମକଦ୍ଦମାରେ ବିଜୟ, ବେହିସାବ ଖର୍ଚ୍ଚରୁ ମନସ୍ତାପ, ସନ୍ତାନଙ୍କ ବିଶୃଙ୍ଖଳା, ସାହାଯ୍ୟ ସହଯୋଗ ପ୍ରାପ୍ତି, ବନ୍ଧୁମାନଙ୍କ ପରାମର୍ଶ, ଦୂରଯାତ୍ରାରେ ପ୍ରତିବନ୍ଧକ ॥

**କନ୍ୟା**

ଆର୍ଥିକ ସମସ୍ୟା, ପ୍ରଗତିର ପଥରୋଧ, ଋଣଭାରର ଚାପ, ବିବାଦୀୟ ପରିସ୍ଥିତି, ସୁସମ୍ପର୍କ ବ୍ୟାହତ, କର୍ମକ୍ଷେତ୍ରରେ ଦିଗହରା, ଅନିଶ୍ଚିତତା ମଧ୍ୟରେ ଗତି, ରୁଦ୍ଧଦ୍ୱାର ମନ୍ତ୍ରଣା, ସାଂଗଠନିକ ନେତୃତ୍ୱ, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, ନୂତନ ବସ୍ତ୍ରାଳଙ୍କାର କ୍ରୟ ॥

**ତୁଳା**

ପ୍ରତିକୂଳ ପରିସ୍ଥିତି, ମିତ୍ରବନ୍ଧୁ ବିରୋଧ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଶତ୍ରୁତାର ମାୟାଜାଲ, ଲକ୍ଷ୍ୟ ସାଧନରେ ବ୍ରତୀ, ଅର୍ଥନୈତିକ ଅଭିବୃଦ୍ଧି, ଯୋଜନା ନିରର୍ଥକ ହେବ, ପରିସ୍ଥିତି ବଦଳି ଯିବ, ଘର ସାଜସଜ୍ଜା, ଯାନ୍ତ୍ରିକ ଜିନିଷ ମରାମତି, ପାରିବାରିକ ସମସ୍ୟା ॥

**ବିଛା**

ସ୍ୱାସ୍ଥ୍ୟ ସମସ୍ୟା, ଦୁର୍ଭାବନା ବଢ଼ି ଚାଲିବ, ବିକ୍ଷିପ୍ତ ମାନସିକତା, ସିଦ୍ଧାନ୍ତ ନେବାରେ ଦ୍ୱନ୍ଦ୍ୱ, ମଜଭୁତ ଆର୍ଥିକ ସ୍ଥିତି, ଗୃହସୀମା ବିବାଦ, ବନ୍ଧୁଙ୍କ ସହାନୁଭୂତି, ପ୍ରକାଶନରେ ସମସ୍ୟା, କଚେରି ମାମଲାରେ ଫାଇଦା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ॥

**ଧନୁ**

ଅବ୍ୟବସ୍ଥା ଦୂର ହେବ, ସହନଶୀଳତାରୁ ପ୍ରଶଂସା, କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ମନୋରଞ୍ଜନର ମଉକା, ବିବାଦୀୟ ପରିସ୍ଥିତି, ଅମୀମାଂସିତ ଆଲୋଚନା, ସାମ୍ବାଦିକତାରେ ଗୌରବ, ଦ୍ୱନ୍ଦ୍ୱର ଅବସାନ ॥

**ମକର**

ବିଶ୍ୱସନୀୟ ବନ୍ଧୁଙ୍କ ପରାମର୍ଶ, ସହଯୋଗ ପ୍ରାପ୍ତି, କାର୍ଯ୍ୟ ହାସଲର ମାର୍ଗ ଉନ୍ମୁକ୍ତ, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ସଂଘର୍ଷମୟ ସ୍ଥିତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ବ୍ୟବସାୟିକ ଉତ୍କର୍ଷ, ମାନସିକ ପରିପୂର୍ଣ୍ଣତା, ପ୍ରତିଯୋଗିତାରେ ସଫଳତା, ନୃତ୍ୟ ସଙ୍ଗୀତରୁ ପ୍ରଶଂସା ॥

**କୁମ୍ଭ**

କର୍ମକ୍ଷେତ୍ରରେ ପ୍ରଶଂସା, ପରିବାରରେ ଶାନ୍ତି, ଯାନବାହନରେ ଉନ୍ନତି, ଦୃଢ଼ୀଭୂତ ବନ୍ଧୁ ସମ୍ପର୍କ, ଚାକିରି ଅଫର୍ ପାଇବେ, ଦୂରଯାତ୍ରା କରିପାରନ୍ତି, ସତ୍‌ସଙ୍ଗର ସୁଯୋଗ, ଖଳ ଲୋକଙ୍କ ଅପପ୍ରଚାର, ପୁରାତନ ରୋଗରେ ପୀଡ଼ା ॥

**ମୀନ**

ପରିବର୍ତ୍ତିତ ପରିସ୍ଥିତି, ଭ୍ରାତୃବନ୍ଧୁଙ୍କ ସହାୟତା, ଋଣ ପରିଶୋଧ କରିବେ, ମନ ହାଲୁକା ରହିବ, ମଧ୍ୟସ୍ଥତା କରିପାରନ୍ତି, ପ୍ରତିଦ୍ୱନ୍ଦ୍ୱିତାରେ ପରାଜିତ, ବିଦେଶ ଯାତ୍ରାରେ ସଫଳତା, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ଶାରୀରିକ ଅସୁସ୍ଥତା, ଧର୍ମକାର୍ଯ୍ୟରେ ନିଷ୍ଠା ରହିବ ॥

# ୮ଟି ଗୁଣକାରୀ ପତ୍ର



ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକି: ✲ ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ। ✲ ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ✲ ପୁଦିନା ପତ୍ରରୁ କିଛି ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ। ✲ ଭୃସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ। ✲ ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ। ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ। ✲ ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର୍ ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ। ✲ ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ। ✲ ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ। ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ।

## ପାଠକୀୟ

✲ ଇତିହାସ ପୃଷ୍ଠାରେ ଘଟିଛି ଅନେକ ଭୟାବହ ବିମାନ ଦୁର୍ଘଟଣା। ଆଉ ଚାଲିଯାଇଛି ଅନେକ ଜୀବନ। ହେଲେ ବେଳେବେଳେ ଭାଗ୍ୟ ହେଉକି ଭଗବାନ୍‌ଙ୍କ ପାଇଁ ନିଶ୍ଚିତ ମୃତ୍ୟୁକୁ ମାତ୍ ଦେଇ ଫେରିଛନ୍ତି କେବଳ ଜଣେ ଭାଗ୍ୟବାନ ମଣିଷ। ସେମିତି କେତେଜଣ ମୃତ୍ୟୁଞ୍ଜୟୀ ବ୍ୟକ୍ତିଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ଘରେ ଧନର ଅଭାବ ଦେଖା ଦେଉଥିଲେ', 'ଭାବନାର ଶରୀର ଉପରେ ପ୍ରଭାବ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଶୋଭନା ସାହୁ, କଟକ*

✲ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମୃତ୍ୟୁଞ୍ଜୟୀ' ଶୀର୍ଷକ ଆଲେଖ୍ୟଟି ଖୁବ୍ ମର୍ମସ୍ପର୍ଶୀ ହୋଇଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବାଣୀକଣ୍ଠଙ୍କ ସ୍ୱର ସାଧକ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ହୋଇଥିଲା।

*– ରଜତ କୁମାର ଷଡ଼ଙ୍ଗୀ, ଫୁଲବାଣୀ*

✲ ସାହିତ୍ୟିକା ଶକ୍ତିପ୍ରଭା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପୁରସ୍କାର' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇଥିଲା। 'କାଙ୍କଣ ଶିଖରୀରେ ଶ୍ରୀଜଗନ୍ନାଥ' ଶୀର୍ଷକ ପାଠଟି ମଧ୍ୟ ଏକ ନିଆରା ଆଲେଖ୍ୟ ଥିଲା।

*– ପୁଷ୍ପେନ୍ଦୁ ସେନାପତି, ନୟାଗଡ଼*

✲ ସହର ପୃଷ୍ଠାରୁ 'ଗୋଆ ଷ୍ଟେଟ୍ ମ୍ୟୁଜିୟମ୍' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ବିଲେଇ ଅଧିକ ଶୁଅନ୍ତି କାହିଁକି', 'ପ୍ରିୟ ମଣିଷଙ୍କ ପାଉଁଶରେ ତିଆରି ଗହଣା' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା।

*– ଧନଞ୍ଜୟ ସୁବୁଦ୍ଧି, ବଲାଙ୍ଗୀର*

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଦେବତା, ଭଗବାନ୍ ଓ ଈଶ୍ୱର' ଶୀର୍ଷକ ପାଠଟି ଖୁବ୍ ହୃଦୟଛୁଆଁ ହେବା ସହ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଖାଇ ପାରିବେନି ଏହି ସି'ଫୁଡ୍', 'ସମୁଦ୍ର ଜୀବନ, ଭୂମିକୁ ଭୟ', 'ଟୟଲେଟ୍ ଫ୍ଲସ୍ କଲେ ଦେବାକୁ ହେବ ଟ୍ୟାକ୍ସ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଅବିନାଶ ରାଓ, ବ୍ରହ୍ମପୁର*

✲ ମୁଁ ଛୁଟିଦିନର ଜଣେ ନିୟମିତ ପାଠକ। ମୋତେ ଏହାର ପ୍ରଚ୍ଛଦ ପ୍ରସଙ୍ଗ, ପ୍ରଥମ ରୋଜଗାର, ବ୍ୟଙ୍ଗ ଲେଖା ଏପରିକି ଚିନ୍ମୟ ଚିନ୍ତନ ପାଠ ପଢ଼ିବାକୁ ଖୁବ୍ ଭଲ ଲାଗେ। ବ୍ୟାକ୍‌ପେଜ୍, ବିବିଧା ପାଠ ବି ଖୁବ୍ ନିଆରା ଲାଗେ ପଢ଼ିବାକୁ।

*– ସ୍ୱପ୍ନାଶ୍ରୀ ଦାଶ, ପାରାଦ୍ୱୀପ*

## ବିଶେଷ ଚିଠି




ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ଥିଲା
ମୃତ୍ୟୁଞ୍ଜୟୀଙ୍କ କଥା,
ହୃଦୟ ବିଦାରକ ହେବା ସହ
ମନରେ ଦେଉଥିଲା ଅଶେଷ ବ୍ୟଥା।
ତା'ସାଙ୍ଗକୁ ମନଛୁଆଁ ଥିଲା
ଆଡ଼ପ ଅବଢ଼ା ପାଠ,
ଭାରି ସୁନ୍ଦର ଲାଗୁଥିଲା ପୁଣି
ତୁମ ସୃଜନର ଗପ।
ସତରେ ହେ ଛୁଟିଦିନ
ତୁମ ସବୁ ପୃଷ୍ଠା ଲାଗେ
ଭାରି ଉତ୍ତମ।

*– ଅଶୋକ ମହାନ୍ତି, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଓଡ଼ିଶାର କଂସା,ପିତ୍ତଳ କାରିଗରି





କଂସା ପିତ୍ତଳ କାରିଗରିରେ ଓଡ଼ିଶାର ସ୍ଥାନ ସାରା ଦେଶରେ ସ୍ୱତନ୍ତ୍ର। ଯାହାକୁ ସ୍ୱତନ୍ତ୍ର କରିଛନ୍ତି ଓଡ଼ିଶାର କାରିଗରମାନେ। କିଏ କୌଳିକ ବୃତ୍ତିର ଦାୟରେ ଏହି କାରିଗରିକୁ ଆପଣେଇ ଥିବାବେଳେ ଆଉ କେହି କେହି ନିଜ ରୁଚିରେ ଏହି କାରିଗରିକୁ ଆପଣେଇ ନିଜ ପରିବାର ପ୍ରତିପୋଷଣ କରିବା ସହ ନିଜ ଅଞ୍ଚଳର ଖ୍ୟାତି ବଢ଼ାଇଛନ୍ତି। କିନ୍ତୁ ଏବେ ସମୟ ସହିତ ଯୁବପିଢ଼ିମାନେ ଏହି ବୃତ୍ତିରୁ ମୁହଁ ଫେରାଇବାରେ ଲାଗିଛନ୍ତି। ଯଦି ସେମାନଙ୍କ ପାଇଁ ଉପଯୁକ୍ତ ପ୍ରାପ୍ୟ ସହ ବଜାର ଉପଲବ୍ଧ ହୁଅନ୍ତା ତା'ହେଲେ ସେମାନେ ଏହି କାରିଗରିକୁ ଆହୁରି ଆଗକୁ ନେଇପାରନ୍ତେ..

**ବେଲଗୁଣ୍ଠାର ପିତ୍ତଳ ମାଛ–** ଦୀର୍ଘ ତିନି ଶହ ବର୍ଷ ଧରି ଗଞ୍ଜାମ ଜିଲାର ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱପ୍ରସିଦ୍ଧ ପିତ୍ତଳ ମାଛ। ନିର୍ଜୀବ ପିତ୍ତଳ ଚଦରରୁ ପ୍ରସ୍ତୁତ ପିତ୍ତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇ ସାରା ବିଶ୍ୱବାସୀଙ୍କୁ ଚକିତ କରିଛି। ଦେଶ ବିଦେଶର ଅତିଥିଙ୍କୁ ବିଭିନ୍ନ ସମ୍ବର୍ଦ୍ଧନା ସଭାରେ ପିତ୍ତଳ ମାଛଟିଏ ଉପହାର ଦେଲେ ସେମାନେ ଖୁସି ହୋଇପଡ଼ନ୍ତି। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପିତ୍ତଳ ମାଛର ଚାହିଦା ଖୁବ୍ ବେଶି। ବେଲଗୁଣ୍ଠାର ବିଶିଷ୍ଟ ପିତ୍ତଳ ମାଛ ଶିଳ୍ପୀ ପ୍ରଦୀପ ମହାରଣାଙ୍କ କୁହନ୍ତି, ବ୍ରିଟିଶ ଶାସନ ସମୟରେ ସ୍ୱର୍ଗତ ଗଙ୍ଗାଧର ମହାରଣାଙ୍କ ଅମଳରୁ ଏହି ପିତ୍ତଳ ମାଛ ତିଆରି ଆରମ୍ଭ ହୋଇଥିଲା, ଯାହା ତତ୍‌କାଳୀନ ବ୍ରିଟିଶ ଶାସକମାନଙ୍କ ସହିତ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। କ୍ରମେ ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା । ବେଲଗୁଣ୍ଠାରେ ଆବଶ୍ୟକ ତାଲିମ ସେଣ୍ଟରଟିଏ ହୋଇପାରି ନ ଥିବାରୁ ପିତ୍ତଳ ମାଛ ଶିଳ୍ପ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନି। ଏଥିଯୋଗୁ ଏହି ଶିଳ୍ପ କ୍ରମେ ବାଟ ହୁଡ଼ି ବସିଲାଣି । ଜଣେ କାରିଗରଙ୍କୁ ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ। ଏଥିରେ ପ୍ରାୟ ସାତଶହ ଟଙ୍କାର କଞ୍ଚାମାଲ ଖର୍ଚ୍ଚ ହୋଇଥାଏ। ସେହି ମାଛଟି ମାତ୍ର ଏକହଜାର ଟଙ୍କାରେ ବିକ୍ରି ହୋଇଥାଏ । ତେଣୁ ଅନେକ ଯୁବକ ପିତ୍ତଳ ମାଛ ଶିଳ୍ପରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାସ୍ତାକୁ ଆପଣାଉଥିବା ଦେଖିବାକୁ ମିଳିଛି। କିନ୍ତୁ ଦେଶ ବିଦେଶରେ ବେଲଗୁଣ୍ଠା ତିଆରି ପିତ୍ତଳ ମାଛର ଚାହିଦା ବୃଦ୍ଧି ପାଇଥିଲେ ମଧ୍ୟ ଆବଶ୍ୟକ କାରିଗର ଅଭାବ ଦେଖାଦେଇଛି। କେବଳ ପିତ୍ତଳ ମାଛ ନୁହେଁ ଏହି ପରିବାର ପିତ୍ତଳରେ ଅନ୍ୟାନ୍ୟ କାରୁକାର୍ଯ୍ୟ ଯଥା ଚିଙ୍ଗୁ ସାପ, ମୁକୁଟ, ତୋରଣ ନିର୍ମାଣ କରୁଥିଲେ ମଧ୍ୟ ଉପଯୁକ୍ତ ମୂଲ୍ୟ ମିଳୁନି। ପିତ୍ତଳରେ ତିଆରି ଚିଙ୍ଗୁ ସାପ, ମୁକୁଟ, ତୋରଣ ଆଦି ଉପଯୁକ୍ତ ମୂଲ୍ୟ ଅଭାବରୁ ଏହି ଶିଳ୍ପ କୁଆଡ଼େ ଲୋପ ପାଇବାକୁ ବସିଲାଣି। ଏହି ଶିଳ୍ପ ବିଶ୍ୱର ଏକମାତ୍ର ସ୍ଥାନ ବେଲଗୁଣ୍ଠାରେ ହିଁ ଥିବା ବେଳେ ଏଠାକୁ ବେଙ୍ଗାଲୁରୁ ଓ ହାଇଦ୍ରାବାଦ ସମେତ ବିଭିନ୍ନ

**କଂସା ପିତ୍ତଳ କାରିଗରିରେ ଓଡ଼ିଶାର ସ୍ଥାନ ସାରା ଦେଶରେ ସ୍ୱତନ୍ତ୍ର; ଯାହାକୁ ସ୍ୱତନ୍ତ୍ର କରିଛନ୍ତି ଏହାର କାରିଗରମାନେ। କିଏ କୌଳିକ ବୃତ୍ତିର ଦାୟରେ ଏହି କାରିଗରିକୁ ଆପଣେଇ ଥିବାବେଳେ ଆଉ କେହି କେହି ନିଜ ରୁଚିରେ। କିନ୍ତୁ ଏବେ ଉପଯୁକ୍ତ ବଜାର ଓ ସହାୟତା ଅଭାବରୁ ଯୁବପିଢ଼ି ଏବେ ଏହି କାରିଗରିକୁ ନେଇ ଦୋଛକିରେ...**

କଳା କାରିଗରି ଅନୁଷ୍ଠାନର ଛାତ୍ରୀଛାତ୍ର ଆସି ପନ୍ଦର କୋଡ଼ିଏ ଦିନ ରହି ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ବର୍ତ୍ତମାନ ପରିସ୍ଥିତିରେ ବେଲଗୁଣ୍ଠାର ପେଣ୍ଠସାହି ଓ ଜଗନ୍ନାଥ ପାଟଣା ସାହି, ନୂଆଗଡ଼ର ହାତଗଣତି ୪/୫ଟି ପରିବାରର ପ୍ରାୟ ୧୩ଜଣ କାରିଗର ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚାଇ ରଖିଛନ୍ତି।

**ଭଟିମୁଣ୍ଡାର କଂସା,ପିତ୍ତଳ**–ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣି କାର୍ଯ୍ୟ ତୁଲାଇବା ପାଇଁ ଆବଶ୍ୟକ ସେବାୟତ ଓ ଭକ୍ତମାନଙ୍କ ଦ୍ୱାରା ପାରମ୍ପରିକ ରୀତିନୀତିରେ ମହାପ୍ରଭୁଙ୍କ କାର୍ଯ୍ୟକୁ ନିଷ୍ଠା ଓ ଭକ୍ତିର ସହିତ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଇଥାଏ । ଶ୍ରୀକ୍ଷେତ୍ରର ବିଭିନ୍ନ ସେବା ମଧ୍ୟରେ ଘଣ୍ଟୁଆ ସେବା ଏକ ଅନନ୍ୟ ପରମ୍ପରା। ବିଶେଷକରି ବାହାର ଘଣ୍ଟୁଆ ସେବାୟତଙ୍କ ମଧ୍ୟରେ ଭଟିମୁଣ୍ଡାର କଂସାରୀ କୁଳ ସାମିଲ ରହିଛନ୍ତି। କଟକଠାରୁ ପ୍ରାୟ ୨୦ କିମି ଦୂର ବିରୂପା ନଦୀକୂଳରେ ଅବସ୍ଥିତ ଭଟିମୁଣ୍ଡା ଗାଁ । କଟକ ଜିଲା ଟାଙ୍ଗୀ–ଚୌଦ୍ୱାର ଅଧୀନ ଭଟିମୁଣ୍ଡା ଗ୍ରାମପଞ୍ଚାୟତ। ଭଟିମୁଣ୍ଡା କଂସାରି ଘଣ୍ଟସେବା ନିଯୋଗ କାର୍ଯ୍ୟକାରୀ ସଭାପତି ତାପସ ସାହୁ କୁହନ୍ତି, 'ମହାପ୍ରଭୁଙ୍କ ବାହାର ଘଣ୍ଟୁଆ ସେବକ ଭାବେ ଆମ ପୂର୍ବପୁରୁଷମାନେ ରାଜାରାଜୁଡ଼ା କାଳରୁ ଘଣ୍ଟସେବା କରିଆସୁଛନ୍ତି। ଭଟିମୁଣ୍ଡା ଗ୍ରାମପଞ୍ଚାୟତର ପ୍ରାୟ ୧୩ଟି ସାହି ଯାହାକି ୧୭ଟି ୱାର୍ଡ । ଭଟିମୁଣ୍ଡାର ୧୩ଟି ସାହିରେ ବହୁ ସଂଖ୍ୟକ କଂସାରୀ ଘଣ୍ଟୁଆସେବକ ରହିଥିବାବେଳେ ଏଠାର ଅଧିକାଂଶ ବାସିନ୍ଦା କଂସାପିତ୍ତଳ କାରିଗର। ବର୍ତ୍ତମାନ ଭଟିମୁଣ୍ଡାରେ ପ୍ରାୟ ୩ଶହ ପରିବାରରେ ରହିଥିବା କଂସାପିତ୍ତଳ କାରିଗରଙ୍କ ଶାଳ ପ୍ରାୟ ୭୦ଟି ରହିଛି। କାରିଗରମାନେ ଶାଳରେ ସପ୍ତାହରେ ପ୍ରାୟ ୬ଦିନ କାର୍ଯ୍ୟ କରିଥାନ୍ତି। ଛୋଟବଡ଼ ପ୍ରାୟ ୧୫ଟି ଦୋକାନ ରହିଛି। ପିତ୍ତଳହଣ୍ଡା, କୁଣ୍ଡ, ଗ୍ଲାସ, ନୀଳଚକ୍ର, ଗରା, ତସଲା, ଲୋଟା, ଠାକୁରଙ୍କ ଖଟୁଲି, ଘଣ୍ଟ, ଘଣ୍ଟି ଆଦି ବିଭିନ୍ନ କଂସାପିତ୍ତଳ ସାମଗ୍ରୀ ତିଆରି ହୋଇଥାଏ। ଗୋଟିଏ ୩କିଗ୍ରା ଓଜନର ପିତ୍ତଳ ହଣ୍ଡାର ବର୍ତ୍ତମାନ ମୂଲ୍ୟ ପ୍ରାୟ ୩ହଜାର ଟଙ୍କା ହେବ। ପିତ୍ତଳ କଂସାବାସନ ତିଆରି କାର୍ଯ୍ୟକୁ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ କାରିଗର ତିଆରି କରିଥାନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ବେପାରିମାନେ ଆସି ଏଠାରୁ ବିଭିନ୍ନ କଂସାପିତ୍ତଳ ସାମଗ୍ରୀ କିଣି ନେଇଥାନ୍ତି। ଆଜିକାଲି ବିଶେଷକରି ଝିଅ ବିବାହରେ ସଜ ଦେବା ନିମନ୍ତେ କେହିକେହି ଏହି କଂସାପିତ୍ତଳ ସାମଗ୍ରୀକୁ କିଣିନେଇଥାନ୍ତି। ବର୍ତ୍ତମାନ କଂସା ବାସନକୁସନର ବ୍ୟବହାର ନିମନ୍ତେ ସଚେତନତାର ଆବଶ୍ୟକତା ରହିଛି। କାରିଗରମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳିବାର ଆବଶ୍ୟକତା ରହିଛି।

**ବାଲକାଟୀ କଂସା,ପିତ୍ତଳ–** ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଅଧୀନ ବାଲକାଟୀ ଅଞ୍ଚଳର ଐତିହ୍ୟ ଓ ସଂସ୍କୃତି ଖୁବ୍ ସ୍ୱତନ୍ତ୍ର । ଅତୀତରେ ସନ୍ଥ କବିର, ରାମାନୁଜ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏହି ପଥ ଦେଇ ଶ୍ରୀକ୍ଷେତ୍ରକୁ ଯାଇଥିଲେ। ମହାତ୍ମା ଗାନ୍ଧୀ ମଧ୍ୟ ଏହି ବାଲକାଟୀ ଅଞ୍ଚଳରେ ରହିଥିଲେ। ତେବେ କଂସାବାସନ ଶିଳ୍ପ ପାଇଁ ଏହି ଅଞ୍ଚଳ କେବଳ ଓଡ଼ିଶା ନୁହେଁ ସାରା ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଛି। ଏଠାକାର ବାସିନ୍ଦା ଜିତେନ୍ଦ୍ର ସାହୁ କୁହନ୍ତି, ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ଏହି ଗାଁରେ କଂସାପିତ୍ତଳ →





ବାସନ ଶିଳ୍ପ, ହସ୍ତତନ୍ତ ଶିଳ୍ପ ତାଲିମ କେନ୍ଦ୍ର, ପ୍ରତାପଶାସନ ଗ୍ରାମପଞ୍ଚାୟତ ଦ୍ୱାରା ନିର୍ମିତ ୪୬ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ରହିଛି। ଏହି ଅଞ୍ଚଳର ରଥିଜେମା କାରିଗରମାନଙ୍କ କଂସା, ପିତ୍ତଳ ବାସନକୁସନ ତିଆରି ପାଇଁ ସ୍ୱତନ୍ତ୍ର ପରିଚୟ ରହିଛି। ସେହିଭଳି ବୈଷ୍ଣବ ମହାରଣା କୁହନ୍ତି, ବାଲକାଟୀ ଘଣ୍ଟ ଓ ଗରାର ଭିନ୍ନ ପରିଚୟ ରହିଛି। ବାଲକାଟୀ ଅଞ୍ଚଳରେ ପ୍ରାୟ ୯ଶହ କଂସା,ପିତ୍ତଳ କାରିଗର ରହିଥିବାବେଳେ ପାରମ୍ପରିକ କଂସାପିତ୍ତଳ କାମ କରୁଥିବା ୭୦ଜଣ ପୁରୁଣା କାରିଗର ରହିଛନ୍ତି। ଶାଳଘର ପ୍ରାୟ ୨ଶହଟି ରହିଛି । ପ୍ରତିଦିନ ସକାଳ ୭ଟାରୁ ଅପରାହ୍ନ ୨ଟା ଯାଏ ଶାଳ ଚାଲେ। ସେହିପରି ବାଲକାଟୀ ବଜାରଠାରୁ ଉତ୍ତରା ଛକଯାଏ କଂସାପିତ୍ତଳ ବାସନ ଦୋକାନ ପ୍ରାୟ ୩୫ଟି ରହିଛି। ଏଠାରେ କାରିଗରଙ୍କ ଦ୍ୱାରା ତିଆରି ହେଉଥିବା ପିତ୍ତଳର ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି, ଦଧିନଉତି, କଳସୀ, ପୂଜାସଜ, ଗରା, ବାଲତି, ଘଣ୍ଟ, ଘଣ୍ଟି, ଠାକୁରଙ୍କ ଖଟୁଲି, କଂସାବେଲା, ତାଟିଆ, ଗ୍ଲାସ ଆଦି ବିଭିନ୍ନ କଂସା ଓ ପିତ୍ତଳ ସାମଗ୍ରୀ ତିଆରି ହୋଇଥାଏ। ସ୍ଥାନୀୟ ବଜାରରେ ବିଭିନ୍ନ ହାତ ତିଆରି କଂସାପିତ୍ତଳ ସାମଗ୍ରୀ ବିକ୍ରି ହେଉଥିବାବେଳେ ଏଠାରୁ ରାଜ୍ୟ ବାହାରକୁ ମଧ୍ୟ କଂସାପିତ୍ତଳ ସାମଗ୍ରୀ ବିକ୍ରି ପାଇଁ ଯାଇଥାଏ।

**ଜଗମୋହନ ଘଣ୍ଟ**–ଗଞ୍ଜାମ ଜିଲାର ଧରାକୋଟ ବ୍ଲକ ଅଧୀନ ଜଗମୋହନ ଗ୍ରାମପଞ୍ଚାୟତର ଜଗମୋହନ ଗାଁ। ଏହି ଗାଁର ଅଧିକାଂଶ ବାସିନ୍ଦା କଂସାରୀ କାରିଗର। ଗ୍ରାମର ସୁନୀଲ କୁମାର ମହାରଣା କୁହନ୍ତି, ‘ଏହି ଗାଁରେ ପ୍ରାୟ ୩ଶହ କଂସାପିତ୍ତଳ କାରିଗର ପରିବାର ଅଛନ୍ତି। ପାୟ ପଚିଶ ବର୍ଷ ପୂର୍ବେ ଏହି ଗାଁରେ ପ୍ରାୟ ୧୫୦ଟି ଶାଳଘର ଥିଲା। ବର୍ତ୍ତମାନ ୨୦ରୁ ୨୫ଟି ରହିଛି। ଗୋଟିଏ ଶାଳଘରେ ପ୍ରାୟ ୫ଜଣ ଲେଖାଏ କାରିଗର କାମ କରିଥାନ୍ତି। ଜଣେ କଂସାପିତ୍ତଳକୁ ଗରମ କରିଥାଏ, ଦୁଇଜଣ ଚିମୁଟାରେ ଧରିଥାନ୍ତି, ୩ଜଣ ପିଟାଳି ସାମଗ୍ରୀ ତିଆରିରେ ସହଯୋଗ କରନ୍ତି। ପ୍ରତିଦିନ ସକାଳୁ ଶାଳ ଚାଲେ। ଏଠାରେ ବିଶେଷକରି ଠାକୁରଙ୍କ ଘଣ୍ଟ, ମୂର୍ତ୍ତି, ପିତଳହାଣ୍ଡି, ମାଠିଆ, ଗିନି, ତ୍ରିଶୂଳ, କିରଟୀ ଏବଂ କଂସା ଓ ପିତ୍ତଳର ବାସନ ତିଆରି ହୋଇଥାଏ। ଆଗ ଅପେକ୍ଷା ଏହି ଗାଁରେ କାରିଗରମାନେ ଆବଶ୍ୟକ ପରିମାଣର ରୋଜଗାର ପାଇ ନ ପାରିବାରୁ ଆଜିକାଲି ଅନେକ ବିଭିନ୍ନ କାମଧନ୍ଦା କରୁଛନ୍ତି।

**କଣ୍ଟିଲୋର କଂସା,ପିତ୍ତଳ :** ସବୁଜ ଅରଣ୍ୟାନୀ ପରିବେଷ୍ଟିତ, ଚିର ପ୍ରବାହମାନ ମହାନଦୀର ତଟ ଦେଶରେ ଅବସ୍ଥିତ ଜଗନ୍ନାଥ ସଂସ୍କୃତିର ଆଦିପୀଠ ନୀଳମାଧବ କ୍ଷେତ୍ର କଣ୍ଟିଲୋ । ଏହା ଏକ ପର୍ଯ୍ୟଟନ ପୀଠ ଭାବରେ ସର୍ବଜନବିଦିତ। ଏହି ନୟାଗଡ଼ ଜିଲା କଣ୍ଟିଲୋର କଂସା, ପିତ୍ତଳ ବାସନ ତିଆରି ଓ ବ୍ୟବସାୟ କ୍ଷେତ୍ରରେ ଓଡ଼ିଶା ଓ ବାହାର ରାଜ୍ୟରେ ବେଶ୍ ନାଁ ରହିଛି। ସାମ୍ପ୍ରତିକ ପରିସ୍ଥିତିରେ କଂସା,ପିତ୍ତଳ ବାସନ ପାଇଁ କଞ୍ଚାମାଲର ଅଭାବ ଓ ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା ହ୍ରାସ ପାଉଥିବାରୁ କାରିଗରମାନେ ହାତବାନ୍ଧି ବସିବା ସହ ଏହି ଶିଳ୍ପରେ







ଅଚଳାବସ୍ଥା ସୃଷ୍ଟି ହୋଇଛି। କାରିଗରମାନେ ସେମାନଙ୍କର କୁଳବେଉସା ତଥା ଜୀବିକା ହରାଇବା ଆଶଙ୍କାରେ ଚିନ୍ତିତ ଅଛନ୍ତି। ଏଥିଯୋଗୁ ରାଜ୍ୟର ଏକ ପୁରାତନ ଐତିହ୍ୟସମ୍ପନ୍ନ ଶିଳ୍ପ ବୁଡିଯିବାର ଆଶଙ୍କା ସୃଷ୍ଟି ହୋଇଛି। ନୟାଗଡ଼ ଜିଲାର କଣ୍ଟିଲୋ, ଶରଣକୁଳ, ଖଲିସାହି, ଇଟାମାଟିରେ କଂସାପିତ୍ତଳ କାରିଗରମାନେ ଏବେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଏହି ପାରମ୍ପରିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ଓଡ଼ିଶାର କଂସାରି ସମାଜର ଗତି, ପ୍ରଗତି ଓ ଦୁର୍ଗତି ସମ୍ପର୍କରେ ଅନୁଧ୍ୟାନ କରିବାରୁ ଜଣାପଡିଛି ଯେ, ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ ଏକ ସମୃଦ୍ଧିଶାଳୀ ଶିଳ୍ପୀ ଜାତି ଭାବେ ଏମାନେ ପରିଗଣିତ ହେଉଥିଲେ । ଏହି କାରିଗରମାନେ ଦିନକୁ ୧୨ରୁ ୧୩ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ଶାଳ ପାଖରେ ରହି ତତଲା କଂସା ଓ ପିତ୍ତଳ ଘଟିକୁ ୪/୫ ଜଣ ମିଳିତ ଭାବେ ତାଳ ମେଳ ରଖି ହାତୁଡି ପ୍ରହାର କରି ବାସନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଏମାନଙ୍କ ନିମନ୍ତେ କଣ୍ଟିଲୋ ଅଞ୍ଚଳରେ ଏକ କଂସା ପିତ୍ତଳ ବାସନ ଓ କାଷ୍ଠ ସାମଗ୍ରୀ ଉତ୍ପାଦନ ପ୍ରଶିକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦ୍ର ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ପକ୍ଷରୁ ଅନୁଦାନ ତଥା ପିପିପି ମୋଡରେ ପ୍ରତିଷ୍ଠିତ ଏହି ପ୍ରକଳ୍ପ ପ୍ରତିଷ୍ଠା ହୋଇଛି। ମାତ୍ର ୪ ବର୍ଷ ହେଲାଣି ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ । ଏହି କ୍ଲଷ୍ଟର ପ୍ରକଳ୍ପରେ କାରିଗରମାନଙ୍କୁ ପର୍ଯ୍ୟାୟକ୍ରମେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇ ଆତ୍ମନିର୍ଭରଶୀଳ ହେବାର ଲକ୍ଷ୍ୟ ରହିଛି। ଉକ୍ତ ପ୍ରକଳ୍ପ ପାଇଁ ମୋରାଦାବାଦରୁ ଜଣେ ଦକ୍ଷ ମାଷ୍ଟର କ୍ରାଫ୍ଟସ୍ମ୍ୟାନର ଆବଶ୍ୟକତା ରହିଛି। ୪.୯୫ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନରେ ସମସ୍ତ ଭିତ୍ତିଭୂମି ଏବଂ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାରେ ଥିଲେ ମଧ୍ୟ ପ୍ରତିଷ୍ଠା ହୋଇଥିବା କଂସାପିତ୍ତଳ ଓ କାଠ ଶିଳ୍ପ ପ୍ରକଳ୍ପଟି ଦୀର୍ଘ ବର୍ଷ ହେଲାଣି କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏହି ଶିଳ୍ପ ଉପରେ ଉପକୃତ ହେବାର ଆଶା ବାନ୍ଧି ଥିବା ଶତାଧିକ କାରିଗର ଆଶା ଆଶଙ୍କା ମଧ୍ୟରେ ଗତି କରୁଥିବା ନେଇ ନିଖିଳ ଉତ୍କଳ କଂସାରି ସମାଜ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କ୍ଲଷ୍ଟର ସଭାପତି ଦଣ୍ଡପାଣି ସାହୁ ଓ ଜଣେ କାରିଗର ତଥା ନୟାଗଡ଼ ଜିଲା ଓଡ଼ିଶା ବିକାଶ ପରିଷଦ(ହସ୍ତଶିଳ୍ପ) ଜେନେରାଲ କାଉନସିଲର ପବିତ୍ର କୁମାର ମହାରଣା ମତପ୍ରକାଶ କରିଛନ୍ତି।

**ଭୁବନର କଂସା, ପିତ୍ତଳ**–ଢେଙ୍କାନାଳ ଜିଲା ଭୁବନ ଏସିଆ ମହାଦେଶର ସବୁଠୁ ବଡ଼ ଗାଁ ଭାବେ ପରିଚିତ । ଏହି ଗାଁର କଂସାରୀ ସମ୍ପ୍ରଦାୟର ଲୋକମାନେ ନିଜ କାରିଗରି ପାଇଁ ଗାଁକୁ ଦେଇଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ଏହି ଗାଁର ବରିଷ୍ଠ କାରିଗର ସୁରେଶ ଚନ୍ଦ୍ର ସାହୁ କୁହନ୍ତି, ‘କଂସାରି ଲୋକମାନେ କଂସା, ଗରା, ଥାଳି, ଗିନା, ତାଟିଆ, ଝାଞ୍ଜ, ଘଣ୍ଟ, ଘଣ୍ଟା ଆଦି ବିଭିନ୍ନ କଂସାପିତ୍ତଳର ସାମଗ୍ରୀ ବାହାର ରାଜ୍ୟରେ ବିକ୍ରି କରି ବେଶ୍ ଲାଭବାନ ହେଉଥିଲେ । ପୂର୍ବରୁ ୨୦ଟି ଶାଳରେ କଂସାବାସନ ତିଆରି ହେଉଥିଲା, ଏବେ ୪ଟି ସ୍ଥାନରେ ତିଆରି ଚାଲିଛି। ଭୁବନରେ ଏବେ ୧୮ ଟି ବଡ଼ କଂସା ବାସନ ଦୋକାନ ରହିଛି। ଗାଁର ଗର୍ବ ଗୌରବର ଗାଥା ବହନ କରୁଥିବା କଂସା ଓ ପିତ୍ତଳ କାମର ୨ଟି ସମବାୟ ସମିତି ପୂର୍ବରୁ କାର୍ଯ୍ୟ କରୁଥିଲା। ମାତ୍ର ଏବେ ତାଲାପଡି ରହିଛି । ଗୋପାଳ ମଣ୍ଡପଠାରେ ଥିବା ବ୍ରଜମୋହନ ଜିଉ କଂସାରୀ ସମାଜ କୋଠାଘରେ ଚାଲୁଥିବା ସମିତି ପୂର୍ବ ସରକାରଙ୍କ ସମୟରେ ଏହି କୋଠାକୁ ନବୀକରଣ କରିବା ପାଇଁ ଅନୁଦାନ ଆସିଥିଲା, ହେଲେ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସରକାରୀ ସହାୟତା ପ୍ରୋତ୍ସାହନ ଅଭାବରୁ ବର୍ତ୍ତମାନ ପରିସ୍ଥିତିରେ ଏକାଧିକ କଂସା ପିତ୍ତଳ କାରିଗର ଏହି ଜୀବିକାରୁ ଦୂରେଇ ଯାଉଛନ୍ତି ବୋଲି କହିଛନ୍ତି।



ତେବେ କେବଳ ଏହିସବୁ ସ୍ଥାନ ନୁହଁ, ବାଲେଶ୍ୱରର ରେମୁଣା ମଧ କଂସା,ପିତ୍ତଳ କାରିଗରି ପାଇଁ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି। ଏହାଛଡ଼ା ସୁନାଖଳା, ଇନ୍ଦୁପୁର, ଓଉଖମା, ବିନ୍ଧାଣିମା ସମେତ ଆହୁରି ଅନେକ ସ୍ଥାନ ରହିଛି ; ଯେଉଁଠି କାରିଗରମାନେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖି କଂସା, ପିତ୍ତଳ କାମ କରୁଛନ୍ତି। କିଛି କାରିଗର ନିଜ ଆଗ୍ରହରେ ବି ଏହି ବୃତ୍ତିକୁ ଆପଣାଇଛନ୍ତି। କିନ୍ତୁ ସରକାରଙ୍କ ଦ୍ୱାରା ଅଧିକ ପ୍ରୋତ୍ସାହନ ମିଳିବା ସହ ବ୍ୟବସାୟ ପାଇଁ ଭଲ ବଜାର ଉପଲବ୍ଧ ହେଲେ ଆଗକୁ ନୂତନ ପିଢି ଏହି କାରିଗରି ପ୍ରତି ଅଧିକ ଆଗ୍ରହ ଦେଖାଇ ପୁଣି କଂସା, ପିତ୍ତଳ କାରିଗରିକୁ ଆଗକୁ ଆଗେଇ ନେବେ।

**–ବନବିହାରୀ ବେହେରା**

**ଅଜୟ ମହାରଣା,ବିପିନ ସେଠୀ,**
**ସୁରେନ୍ଦ୍ରନାଥ ସାହୁ, କୃଷ୍ଣଚନ୍ଦ୍ର ପଟ୍ଟନାୟକ**







# ମନସୁନ୍ ଫ୍ୟାଶନ

## ବର୍ଷାଦିନେ କେଉଁ ଟାଇପ୍‌ର ଆଉଟ୍‌ଫିଟ୍ ପିନ୍ଧିଲେ ଏବଂ କେଉଁ ଷ୍ଟାଇଲ୍‌କୁ ଆପଣେଇଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିପାରିବ, ସେ ସମ୍ପର୍କରେ...



* **ଆଉଟ୍‌ଫିଟ୍:** ବର୍ଷାଦିନେ କଟନ୍, ଲିନେନ୍ ଅଥବା ରିୟନ୍ ଭଳି ହାଲ୍‌କା ଫାବ୍ରିକ୍‌ର ଆଉଟ୍‌ଫିଟ୍ ପିନ୍ଧିବା ବେଷ୍ଟ ଅପ୍ସନ ହୋଇଥାଏ। କାରଣ ଏହା ଓଦା ହୋଇଗଲେ ଶୀଘ୍ର ଶୁଖିଯାଏ। ଲେଗିଙ୍ଗ୍ସ, ଛୋଟ ଟପ୍ସ ଅଥବା ଟି-ଶାର୍ଟକୁ ବର୍ଷାଦିନେ ପିନ୍ଧିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳେ। ଆଉଟିଂରେ ଯିବାବେଳେ ବର୍ଷାଦିନେ ନି-ଲେଙ୍ଗଥ୍ ଡ୍ରେସ୍ ପିନ୍ଧିବା ପରଫେକ୍ଟ ହୋଇଥାଏ। ମିନି ସ୍କର୍ଟ, ହଟ୍ ପ୍ୟାଣ୍ଟ ଓ ସାର୍ଟ ବି ଏଦିନେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ସେହିପରି ହାଲ୍‌କା ରଙ୍ଗର ଫ୍ଲୋରାଲ୍ ପ୍ରିଣ୍ଟ ଅଥବା ଜ୍ୟୋମେଟ୍ରିକ୍ ପାଟର୍ନ ବାଲା ଆଉଟ୍‌ଫିଟ୍ ବି ବର୍ଷାଦିନେ ଖୁବ୍ ସୁନ୍ଦର ମାନିଥାଏ।

* **ଫୁଟ୍‌ୱେର୍:** ବର୍ଷାଦିନେ ପିନ୍ଧିବା ପାଇଁ ଫ୍ଲିପ୍- ଫ୍ଲପ୍ ସବୁଠୁ ଭଲ ଅପ୍ସନ। ଏହା ପିନ୍ଧିବାକୁ ଯେମିତି କମ୍ଫଟେବଲ ଲାଗେ ପାଦକୁ ସେମିତି ସୁନ୍ଦର ଲୁକ୍ ବି ଦେଇଥାଏ। ସବୁଠୁ ବଡ଼ କଥା ହେଉଛି, ଏହି ଷ୍ଟାଇଲ୍‌ର ଫୁଟୱେର୍‌କୁ ଯେ କୌଣସି ଆଉଟ୍‌ଫିଟ୍ ସହ ଆରାମରେ ପିନ୍ଧାଯାଇପାରେ। କ୍ରକ୍ସ ବି ବର୍ଷାଦିନ ପାଇଁ ପରଫେକ୍ଟ ହୋଇଥାଏ। ଏହି ଫୁଟ୍‌ୱେର୍‌ରେ କଣା କଣା ଡିଜାଇନ୍ ଥିବାରୁ ପାଦରେ ପବନ ବାଜିବାରେ ସହଜ ହୋଇଥାଏ। ଫଳରେ ବର୍ଷାଦିନେ ଏହା ଓଦା ହୋଇଗଲେ ଶୀଘ୍ର ଶୁଖିଯାଏ। ଅନ୍ୟପକ୍ଷେ ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଫ୍ଲୋଟର୍ସ। ଏହି ଫୁଟ୍‌ୱେର୍‌କୁ ବର୍ଷାରେ ପିନ୍ଧି ଚାଲିଲେ ପାଦ ସହଜରେ ସ୍ଲିପ୍ କରେନାହିଁ କିମ୍ବା ଏହା ପାଦରୁ ବାରମ୍ବାର କାଢି ହୋଇଯାଏ ନାହିଁ। ଖାସ୍ ଏହି ଦୁଇଟି କାରଣ ପାଇଁ ବର୍ଷାଦିନେ ଏହି ଫୁଟ୍‌ୱେର୍‌ର ଖୁବ୍ ଚାହିଦା ରହିଥାଏ। ଗମ୍‌ସୁଟ୍ ଓ ଜେଲି ସୁ ବି ବର୍ଷାଦିନ ପାଇଁ ପରଫେକ୍ଟ ହୋଇଥାଏ।



* **ଆସେସରିଜ୍:** ଗୋଟେ ସୁନ୍ଦର ଡିଜାଇନ୍ ଛତାର ବ୍ୟବହାର ବି ଏଦିନେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଝିଅମାନେ ବର୍ଷାଦିନେ ସଫ୍ଟ ସ୍କାର୍ଫର ବି ବ୍ୟବହାର କରିପାରିବେ।
ଏହା ବର୍ଷାରୁ ରକ୍ଷା କରିବା ସହ ଝିଅଙ୍କୁ ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ଟୋପିର ବ୍ୟବହାର ମଧ୍ୟ ବର୍ଷାଦିନେ ଡିଫରେଣ୍ଟ ଲୁକ୍ ପ୍ରଦାନ କରିଥାଏ।


* **ହେୟାର୍ ଷ୍ଟାଇଲ୍:** ବର୍ଷାଦିନେ ବନ୍ ହେୟାର୍ ଷ୍ଟାଇଲ୍ ଅଥବା ପୋନିଟେଲ୍ କରିବା ବେଷ୍ଟ ଅପ୍ସନ ହୋଇଥାଏ। ଯେଉଁମାନଙ୍କର ଲମ୍ବା କେଶ ରଖିବା ପସନ୍ଦ ନୁହେଁ, ସେମାନେ ଚାହିଁଲେ ବବ୍ କଟ୍ ବି କରିପାରିବେ। ଏହା ଷ୍ଟାଇଲିଶ୍ ଲୁକ୍ ଦେବା ସହ ଓଦା ହୋଇଗଲେ ବି ଶୀଘ୍ର ଶୁଖିଯାଏ।

* **ମେକଅପ୍:** ବର୍ଷାଦିନେ ୱାଟର୍ ପ୍ରୁଫ୍ ମେକ୍‌ଅପ୍ ନେବା ବେଷ୍ଟ ହୋଇଥାଏ। ତ୍ୱଚାକୁ ହାଇଡ୍ରେଟେଡ୍ ରଖିବା ପାଇଁ ଏଦିନେ ସନ୍‌ସ୍କ୍ରିନ୍‌ର ବ୍ୟବହାର ମଧ୍ୟ କରିପାରିବେ। ହାଲ୍‌କା ପିଙ୍କ୍ ମେକ୍‌ଅପ୍ ତଥା ନ୍ୟୁଡ୍ ଆଇ ଲୁକ୍ ଏ ଦିନେ ଖୁବ୍ ସୁନ୍ଦର ଲାଗିଥାଏ।



# ସାଧନା ଆଣେ ସଫଳତା






**ଦୁ**ଇଟି ଭାଷା ମଧ୍ୟରେ ସଂଯୋଗର ସେତୁ ହେଉଛି ଅନୁବାଦ । ଯାହା ବିଶ୍ୱର କୋଣ ଅନୁକୋଣରେ ଥିବା ଲେଖକମାନଙ୍କୁ ପାଠକମାନଙ୍କ ସହିତ ଯୋଡିଥାଏ । ଆମ ସମସ୍ତଙ୍କ ପାଇଁ ପୃଥିବୀର ସବୁ ଅଞ୍ଚଳର ଭାଷା, ସଂସ୍କୃତି, ପରମ୍ପରା ଜାଣିବା ବା ସେମାନଙ୍କ ଦ୍ୱାରା ଲିଖିତ ପୁସ୍ତକ ପଢ଼ିବା ସମ୍ଭବ ନୁହେଁ । ନିଜ ମାତୃଭାଷାରେ ତା'ର ଅନୁବାଦ ଆବଶ୍ୟକ ବୋଲି କୁହନ୍ତି ଲେଖିକା ଅନୁବାଦିକା **ସାରଦା ରଥ** । ୧୯୪୧ ମସିହା ସମ୍ବଲପୁରରେ ଜନ୍ମ ଗ୍ରହଣ କରିଥିବା ସାରଦା ରଥଙ୍କ ପୈତୃକ ଗ୍ରାମ ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର । ବାପା ଅନନ୍ତ ତ୍ରିପାଠୀ ଓ ବୋଉ ହାରାମଣି ଦେବୀ । ବାପା ସରକାରୀ ଚାକିରି କରିଥିବାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବୁଲିବାକୁ ପଡ଼ିଥିଲା ତାଙ୍କୁ । ଜି. ଉଦୟଗିରିରେ ନିଯୁକ୍ତି ଥିବା ସମୟରେ ସେହିଠାରେ ହିଁ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା ତାଙ୍କର । ଲେଖିକା କୁହନ୍ତି, 'ପିଲାଦିନୁ ପ୍ରକୃତି ସହ ଥିଲା ମୋର ଅନ୍ତରଙ୍ଗତା । ସବୁଜ ବନାନୀ, ଜଙ୍ଗଲ, ପାହାଡ, ଝରଣା, ସବୁଜ ଧାନବିଲ, କୋଇଲିର କୁହୁକୁହୁ ଡାକ ମୋତେ ଅନ୍ୟ ମନସ୍କ କରୁଥିଲା । ମୋ ବାପା, ବୋଉ ଉଭୟ ଥିଲେ ସାହିତ୍ୟ, ସଂସ୍କୃତିପ୍ରେମୀ ମଣିଷ । ବହୁ ପତ୍ରପତ୍ରିକାରେ ସଜ୍ଜିତ ଏକ କୁନି ଲାଇବ୍ରେରୀ ଥିଲା ଆମ ଘର । ଛୋଟ ଦିନୁ ବାପା ବହି ପଢ଼ିବାକୁ ପ୍ରେରଣା ଦେଇ ଆସିଛନ୍ତି । ପ୍ରତିବର୍ଷ ମୋ ଜନ୍ମଦିନରେ ଖୋଜି ଖୋଜି ଭଲ ବହି ଉପହାର ଦିଅନ୍ତି । ଦଶ,ଏଗାର ବର୍ଷ ବୟସରେ ସେ ବହିଗୁଡିକ ପଢ଼ି ମୋର ଲେଖାଲେଖି ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ମନକୁ ଯେତେ ବେଳେ ଯାହା ଆସେ ସାଦା କାଗଜ ଖଣ୍ଡେ ଧରି ଉତାରିଦିଏ । ଏମିତି ଲେଖାଲେଖି କରିବା ଭିତରେ ଅନ୍ୟ ମାନଙ୍କ ପ୍ରକାଶିତ ଲେଖା ଦେଖି ମୁଁ ପ୍ରଜାତନ୍ତ୍ର ମୀନାବଜାରକୁ କୁନି କୁନି ଗଳ୍ପ କବିତା ପଠେଇଲି । ଧୀରେ ଧୀରେ ସେଗୁଡିକ ପ୍ରକାଶ ପାଇଲା । ନିଜ ପ୍ରକାଶିତ ଲେଖାକୁ ଛପା କାଗଜରେ ଦେଖି ମୁଁ ବହୁତ ଖୁସି ହୋଇଥିଲି ; ଯାହା ମୋତେ ପରବର୍ତ୍ତୀ ସମୟରେ ଲେଖିବା ପାଇଁ ପ୍ରେରଣା ଦେଇଥିଲା । ଲେଖିବା, ପଢ଼ିବା ପାଇଁ ବହୁତ ଆଗ୍ରହ ଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା । ବାପା, ବୋଉଙ୍କ ଅନୁମତି କ୍ରମେ ମାତ୍ର ୧୬ବର୍ଷ ବୟସରେ ମୋତେ ବିବାହ କରିବା ପାଇଁ ପଡ଼ିଥିଲା । ସ୍ୱାମୀ ଥିଲେ ରବୀନ୍ଦ୍ର ନାଥ ରଥ । ବଡ଼ ପରିବାରରେ ବିବାହ,ବହୁ ସାଂସାରିକ ଜଞ୍ଜାଳ ହେତୁ ଲେଖାଲେଖି କରିବାର ଆଶା ଟିକକ ମନ ଭିତରେ ରହିଗଲା । ସାଦା କାଗଜ ଖଣ୍ଡେ ଦେଖିଲେ ମୁଁ ଲେଖା ମନସ୍କ ହେଉଥିଲି । ମୋର ଏ ମନୋଭାବ ଦେଖି ସ୍ୱାମୀ ପ୍ରେରଣା ଦେଇଥିଲେ ଲେଖା ପଢା କରିବାକୁ । ବିଭିନ୍ନ ପାରିବାରିକ ସମସ୍ୟା ସତ୍ତ୍ୱେ ପାଞ୍ଚଟି ପିଲାଙ୍କ ଜନନୀ ହେବା ପରେ ମୁଁ ମାଟ୍ରିକ ପାସ୍ କଲି । ଲେଖାଲେଖି ମଧ୍ୟ ଆରମ୍ଭ ହେଲା । ପରେ ପରେ ଓଡ଼ିଶାର ବହୁ ସମ୍ବାଦପତ୍ରରେ ନିୟମିତ ଲେଖା ପ୍ରକାଶ ପାଇଲା । ଗପ,କବିତା ଲେଖିବାର ଅନେକ ଦିନ ପରେ ମୋର ଅନୁବାଦ ପ୍ରତି ଆଗ୍ରହ ସୃଷ୍ଟି ହେଲା । ଅଷ୍ଟ୍ରେଲିଆ ବୁଲିବାକୁ ଯାଇଥିବା ସମୟରେ ସେଠାରେ ଥିବା ଏକ ଲାଇବ୍ରେରୀକୁ ପଢ଼ାପଢ଼ି କରିବାକୁ ଯାଇଥିଲି । ଲାଇବ୍ରେରୀର ସବୁଯାକ ବହି ପ୍ରାୟ ଇଂଲିଶରେ ଥିଲା । ଅନେକ ସମୟ ଖୋଜିବା ପରେ ଗୋଟିଏ ହିନ୍ଦୀ ବିଭାଗ ମିଳିଲା । ସେଥିରୁ ଦୁଇଟି ବହି ଆଣି ପଢ଼ିବା ପରେ ମୁଁ ଚିନ୍ତା କଲି ବହିଟିକୁ ମାତୃଭାଷାରେ ଅନୁବାଦ କରିପାରିଲେ ଯେଉଁ ପାଠକମାନେ ହିନ୍ଦୀ ବୁଝିପାରୁ ନାହାନ୍ତି, ସେମାନେ ସହଜରେ ପଢ଼ି ବୁଝିପାରିବେ । ଏହାପରେ ଆରମ୍ଭ କରିଥିଲି ମୁଁ ପୁସ୍ତକ ଅନୁବାଦ । ମୋର ଅନୁବାଦ ପୁସ୍ତକ ମଧ୍ୟରେ ଗୋଆର ରାଜ୍ୟପାଳ ମୃଦୁଳା ସିହ୍ନାଙ୍କର 'ପରିତପ୍ତ ଲଙ୍କେଶ୍ୱରୀ' ବହିଟିକୁ ପାଠକମାନେ ବେଶ୍ ପସନ୍ଦ କରିଥିଲେ । ବହିଟିରେ ମନ୍ଦୋଦରୀଙ୍କ ଚରିତ୍ର ମୋତେ ବେଶ୍ ପ୍ରଭାବିତ କରିଥିଲା । ଦେବୀ ସୀତାଙ୍କ ପାଇଁ ତାଙ୍କ ମନରେ ସମ୍ମାନ, ସ୍ନେହ, ସମବେଦନା ଭରି ରହିଥିଲା । ବିଶେଷକରି ରାବଣ ନିହତ ହେବା ପରେ ସସମ୍ମାନରେ ଦେବୀ ସୀତାଙ୍କୁ ରାମଚନ୍ଦ୍ରଙ୍କ ସହିତ ଅଯୋଧ୍ୟା ପଠାଇଥିଲେ । ସମାଜରେ ନାରୀ କୈନ୍ଦ୍ରିକ ବିଷୟବସ୍ତୁଗୁଡିକ ମୋତେ ଅନୁବାଦ ପାଇଁ ଆକର୍ଷିତ କରିଥାଏ ।' 'ପ୍ରତିଜ୍ଞା', 'ନିର୍ମଳା ବନ୍ଧକରେ ରଘୁ', 'ଅଲେଖା କାଗଜ', 'ଆନଫ୍ରାଙ୍କର ଡାଏରୀ', 'କେଶର କସ୍ତୁରି', 'ମେଘ ବାହାନ', 'କୁନ୍ତୀ' ଇତ୍ୟାଦି ତାଙ୍କର ଅନୁବାଦ ପୁସ୍ତକ । ଲେଖିକା କୁହନ୍ତି, 'ଅନୁବାଦ ଏତେ ସହଜ ନୁହେଁ । ବହୁ ଦିଗକୁ ଧ୍ୟାନଦେବାକୁ ପଡ଼େ । ନିଜସ୍ୱ ଲେଖା ଦେବକୀ ହେଲେ ଅନୁବାଦ ସାହିତ୍ୟ ମା' ଯୋଶଦା, ବିଭିନ୍ନ ଭାଷାର ସମୃଦ୍ଧି ଜ୍ଞାନ ଭଣ୍ଡାରର ଅଭିବୃଦ୍ଧି ପାଇଁ ଆମେ ସମସ୍ତେ ଆଗେଇ ଆସିବା ଉଚିତ । ଦୀର୍ଘ ପଚାଶ ବର୍ଷ ଧରି ସାହିତ୍ୟ ସାଧନା ଜାରି ରଖିଥିବା ଲେଖିକା ଶ୍ରୀମତୀ ରଥ ନିଜର ସାହିତ୍ୟ ସୃଷ୍ଟି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ, ପୁରସ୍କାର, ସ୍ଥିତ ପ୍ରଜ୍ଞା ସମ୍ମାନ, କଳିଙ୍ଗ ପୁସ୍ତକ ମେଳା ସମ୍ମାନ, ବାଣୀ ଚିତ୍ର ସାହିତ୍ୟ ସମ୍ମାନ, ସୃଜନ ଅନୁସୃଜନ ମହା ସମ୍ମାନ, ସାରସ୍ୱତ ସମ୍ମାନ ଇତ୍ୟାଦି ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି ।



ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ଥିବା ବରିଷ୍ଠ ଲେଖିକା ସାରଦା ରଥ ଆମ ଭାଷା ସାହିତ୍ୟର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ବୋଲି ମତ ରଖନ୍ତି । ନୂଆ କରି ସାହିତ୍ୟମନସ୍କ ହୋଇଥିବା ଲେଖକମାନେ ବରିଷ୍ଠ ଲେଖିକାମାନଙ୍କୁ ପଢ଼ିବା ଉଚିତ । ଯେଉଁ ଉପାଦେୟ ବହିଗୁଡ଼ିକ ଆମ ପୂର୍ବଜମାନେ ଲେଖି ଯାଇଛନ୍ତି, ତାହା ପଢ଼ିବାର ଆବଶ୍ୟକତା ରହିଛି । ମୋ ମତରେ ସାଧନା ସବୁବେଳେ ସଫଳତା ଆଣିଥାଏ ।

**– ପ୍ରିୟମ୍ବଦା ରଥ**
*ଆର୍.କେ. ପୁରମ, ସେକ୍ଟର-୪, ନୂଆଦିଲ୍ଲୀ*
*ମୋ: ୮୬୮୮୯୫୭୮୦୦*










# ଶିକ୍ଷା

## ମାନମୟୀ ରଥ

"ଜାଲ୍ ଦସ୍ତଖତକରି ବାପାଙ୍କ ଆକାଉଣ୍ଟରୁ ଟଙ୍କା ଉଠେଇବାକୁ ତୋ ହାତ କେମିତି କମ୍ପିଲାନିରେ କୁଳାଙ୍ଗାର ? ହଇରେ କେଡ଼େ ମେହେନତି ତୋ ବାପା , ତୁ ତାଙ୍କ ପୁଅଟି ! ଦିନରାତି ଏକ କରି କୁଟୁମ୍ବ ଚଳେଇଲେ , ତୁମମାନଙ୍କୁ ତୁମ ପାରିଲା ଯାଏଁ ପଢ଼େଇଲେ । ଚାକିରି ଜୀବନରେ ପଇସା ଅଣ୍ଟିଲାନି ବୋଲି ଗ୍ରାଚୁଇଟି ଟଙ୍କା ଆଉ ଗାଁର ପୈତୃକ ସମ୍ପତ୍ତି ବିକି ଏକାଠି କରିଥିଲେ ଟାଉନରେ ଘର ଖଣ୍ଡେ ତୋଳିବାକୁ । କାହା ପାଇଁ ? ଆମ ପାଇଁଟି ? ସେଥିରେ ଆଖି ରଖିଲୁ ଅଲକ୍ଷଣା ? ନିଜ ଗୋଡ଼ରେ ନିଜେ କିଏ କୁରାଢ଼ି ମାରେ ? ମୂର୍ଖ କୋଉଠିକାର ।" ଚିତ୍କାରକରି ଘର କମ୍ପାଉଥିଲେ ଅଲକା ।

ଅନତି ଦୂରରେ ସୋଫା ଉପରେ ମୁହଁ ପୋତି ବସିଛନ୍ତି ଗଦାଧର । କବାଟକୁ ଧରି ଠିଆହୋଇଛି ତାଙ୍କ କରିତ୍କର୍ମା ପୁଅ ଯିଏ ତାଙ୍କ ଦସ୍ତଖତକୁ ନକଲ କରି ବ୍ୟାଙ୍କରୁ ଉଠେଇ ଆଣିଛି ବାରଲକ୍ଷ ଟଙ୍କା । ବ୍ୟାଙ୍କ ମ୍ୟାନେଜର ନିଜ ଲୋକ ଭଳି । କେଉଁଠି ଗୋଟାଏ ସନ୍ଦେହ ହେଲା ବୋଲି ଆଳୁ ଖୋଳୁ ଖୋଳୁ ମହାଦେବ ବାହାରକଲା ଭଳି ପୁଅର କୃତିକୁ ଧରି ଖବର ଦେଲେ ଗଦାଧରଙ୍କୁ । ପ୍ରଥମେ ପ୍ରଥମେ ହଜାରେ ଦି ହଜାରେ । ପରକୁ ପର ଦଶ କୋଡ଼ିଏ ହଜାର । ତା'ପରେ ପଚିଶ, ପଚାଶ ହଜାର ହୋଇ ଲକ୍ଷେ । ଏବେ ତ ସିଧା ମୋଟା ଅଙ୍କର ଟଙ୍କା ଉଠେଇଛି ।

ଗୋଟିଏ ବୋଲି ପୁଅ, ପୁଣି ବଡ଼ । ତଳକୁ ତଳ ହୋଇ ପୁଅ ତଳେ ତିନି ଝିଅ । ଝିଅମାନେ ଯିଏ ଯାହାର ବାହାତୋଳା ହୋଇ ଶାଶୁଘରେ । କେହି ଗୋଟାଏ ପଢ଼ାପଢିରେ ଉଧେଇଲେନି । ଭଲ ସ୍କୁଲ , ଭଲ ଟିଉଶନ ଦେଇ ଗଦାଧରବାବୁ ଆଣ୍ଟେଇ ପଢୁଥିଲେ ସିନା ପିଲାଙ୍କ ଫେଶନ କହିଲେ ନସରେ । ପୁଅ ତ ପ୍ଲସ୍ ଟୁ ଡେଇଁପାରିଲାନି । ଝିଅମାନେ କଷ୍ଟେମଷ୍ଟେ ବିଏ ସାର୍ଟିଫିକେଟ୍ ଖଣ୍ଡକ ଲେଖାଁ ହାତେଇ ବାହାହେବା ପାଇଁ ଧାଡି ବାନ୍ଧି ବସିଗଲେ । ସାନଝିଅ ତ କୁହାବୋଲା ନ କରି ଗୋଟେ ଚପଲ ଦୋକାନୀ ସହ ପଳେଇଲା ଯେ ଖୋଜି ଲୋଡ଼ି ଆଗତୁରା ତାକୁ ବାହାକଲା ଯାଏଁ କଥା ଗଲା । ପିଲାଙ୍କୁ ବିଶେଷକରି ପୁଅକୁ ପିଲାବେଳୁ ଆକଟ କରିବାକୁ ଯେବେ ଯେବେ ଗଦାଧର ବାହାରନ୍ତି କାନି ଘୋଡ଼ାଇଲେ ଅଲକା । ଓଲଟା ଗଦାଧରଙ୍କ ଖୁଣ ବାହାରକରି ପିଲାଙ୍କ ଗୁଣ ଗାଆନ୍ତି । ତୁନି ପଡ଼ନ୍ତି ଗଦାଧର । ଭଲ ସ୍କୁଲରେ ପିଲା ପଢ଼ନ୍ତୁ , ଭଲ ପିନ୍ଧନ୍ତୁ , ଭଲ ଖାଆନ୍ତୁ ବୋଲି ଡବଲ ଶିଫ୍ଟରେ କାମ କଲେ ବାପା ହୋଇ ।

ବିବାହର ପାଞ୍ଚ ବର୍ଷ ପରେ ଜନ୍ମହୋଇ କୁଳ ଉଜ୍ଜ୍ୱଳ କରିଛି ,ତେଣୁ ବୁଝିବିଚାରି ତା' ନାଁ 'ରୋନକ' ଦେଇଥିଲେ ଅଲକା । ସ୍କୁଲ ଗଲା ଦିନୁଁ ଗଦାଧରଙ୍କୁ ନାଁ ହିଁ ଦେଇଥିଲା ଏହି ରୋନକ । କାହା ମୁଣ୍ଡ ଫଟେଇ , କାହାକୁ କାମୁଡ଼ି ରାମ୍ପୁଡ଼ି , କାହାର ବ୍ୟାଗ୍ ଚିରି , କାହାର ସାଇକେଲ ପମ୍ପ ଖୋଲି , କାହା ୟୁନିଫର୍ମରେ ରଙ୍ଗ ଛାଟି , କାହାର ଇମ୍ପୋଟେଡ୍ କମ୍ପାସ ଚୋରେଇ ଏତେ ହରକତ କରେ ଯେ ପ୍ରିନ୍ସିପାଲ ରୀତିମତ ଧମକାନ୍ତି ଗଦାଧରଙ୍କୁ । ପୁଅର କାରନାମାରେ ମୁହଁ ପୋତି ଗଦାଧର ଠିଆ ହେଉଥିଲାବେଳେ ତମ୍ପ ସାପ ପରି ତେଣେ ଗର୍ଜି ଉଠନ୍ତି ଅଲକା । ଆଇନକାନୁନ ଦେଖେଇ ପ୍ରିନ୍ସିପାଲଙ୍କୁ ଥରେଇ ଦିଅନ୍ତି । କେଉଁଠୁ ଆସେ ଅଲକା ତୁଣ୍ଡକୁ ଏତେ ଶକ୍ତି ! ଯୁକ୍ତି ହୋଇ ଅଜାଡ଼ି ହୁଏ ! ଆବାକାବା ହୋଇଯାଆନ୍ତି ଗଦାଧର । ପିଲାମାନଙ୍କ ପାଇଁ ଅଲକା ଘରର ମୁରବି, ଇଚ୍ଛା ପୂରଣର ଦେବୀ ସାଜିଲା ବେଳକୁ ଗଦାଧର ବିଚରା ଅପଗଣ୍ଡ ବାପା । ପ୍ରଥମେ ପ୍ରଥମେ ଗଦାଧର ପ୍ରତିକ୍ରିୟା କରୁଥିଲେ । ପରେ ଚୁପ୍ ରହିଲେ । ବାପା ନୁହେଁ ଯେମିତି ପଥର । ସତ କହିଲେ ପୁଅ ତାଙ୍କ ଜମାପୁଞ୍ଜିରୁ ଚୋରେଇ ନେଇଚି ବୋଲି ଆଜି ସେତିକି ବାଧୁନି ଯେତିକି ବାଧିଥିଲା ଗାଁ ଠାକୁରାଣୀ ଯାତକୁ ଯାଇଥିଲାବେଳେ ସାନଭାଇର ଝିଅକୁ ସେ ଦୁର୍ବ୍ୟବହାର ଦେଖାଇଥିଲାବେଳେ । କାନ୍ଦ କାନ୍ଦ ହୋଇ ସାନ ଭାଇ କହିଥିଲା, ହାତ ଗୋଡ଼ ଭାଙ୍ଗି ମାଦଳ କରିଦେଇଥାନ୍ତି ଯଦି ସେ ତୁମ ପୁଅ ନ ହୋଇ ଆଉ କାହା ପୁଅ ହୋଇଥାନ୍ତା । ଭଲା ଭଉଣୀ ପ୍ରତି କିଏ ଏମିତି ଆଚରଣ କରେ ! ବେକ ପକା ଗାମୁଛାକୁ ପାଟିରେ ଜାକି ଦେଇ ଭୋ ଭୋ କାନ୍ଦୁଥିବା ଭାଇଟିକୁ ମୁହଁ ଉଠେଇ ଚାହିଁପାରି ନ ଥିଲେ ଗଦାଧର । ଅଲକା ଜାଣିଲେ ଓଲଟା ତାଙ୍କ ପୁଅକୁ ଗୋଟା ତୁଳସୀ କହି ଗାଁ କମ୍ପେଇବେ । କଥା ବଢ଼ିବ । ନିର୍ଦ୍ଦୋଷ କୁନି ଝିଅଟିକୁ ନ୍ୟାୟ ନ ଦେଇ ବଦନାମ ମୁଣ୍ଡେଇ ଦେଲା ଭଳି କଥା ହେବ । ରାତାରାତି ପିଲାଛୁଆଙ୍କୁ ଧରି କେମିତି ଘରକୁ ଆସିଛନ୍ତି ସେ ନିଜେ ହିଁ ଜାଣନ୍ତି । ମୁହଁ କେଉଁ ରଖିଲା ପୁଅ ଯେ ସେ ଗାଁକୁ ଚାହିଁଥାନ୍ତେ !

ସହରରେ ଡୁପ୍ଲେକ୍ସ କିଣି ତାକୁ ବଢ଼େଇ ନୂଆ ଘର କରିବାର ଯେଉଁ ସ୍ୱପ୍ନ ଥିଲା ଅଲକାଙ୍କର ସେଥିରେ ହାତ ମାରିଛି ରୋନକ । ପୂରା ଆମେରିକା ଆଉ ତାଲିବାନୀ ଯୋଜନା । ଅଲକା କ୍ରୋଧରେ , ହତାଶାରେ ଯାହା ପାରେ ତାହା କହୁଥିଲେ ପୁଅକୁ । "ଛତିଶ ପୂରିବ ମାସେ ଗଲେ । ଘର ପୋଷିବା ସମୟରେ ତୁ ଘରକୁ ଲୁଟୁଛୁ ? ଏମିତି କେମିତି ହେଲୁରେ ତୁ ଘୋଡ଼ାମୁହାଁ , ବଉଁଶବୁଡ଼ା ?"

ଏଯାଏଁ ଚୁପ୍ ବସିଥିବା ପୁଅ ଚିହିଁକି ଆସିଲା ଅଲକାଙ୍କ ଆଡ଼କୁ , "ତୋ ଯୋଗୁ । କାହା କଲର୍ ପେନ୍‌ସିଲ, ବୁକ୍ , ପର୍ସ , ବେଲ୍ଟ କି ଘଣ୍ଟା ନେଇ ଆସିଲେ ତୁ ଲୁଚେଇ ରଖି ଦେଉଥିଲୁ କି ନାହିଁ ଘରେ ? ପାଠ ନ ଆସିଲେ କାହା ଖାତାରୁ ଚିଟିଂ କରିବାକୁ କହୁଥିଲୁ କି ନାହିଁ ? ମୋର ମାର୍କ ବଢ଼େଇବାକୁ ସାର୍‌ଙ୍କୁ ଲାଞ୍ଚଦେବାକୁ ବାପାଙ୍କ ପର୍ସରୁ ଟଙ୍କା ଲୁଚେଇ ଆଣିବାକୁ ମୋତେ କହୁଥିଲୁ କି ନାହିଁ ? ପ୍ରୋଗ୍ରେସ ରିପୋର୍ଟ ବାପାଙ୍କୁ ନ ଦେଖେଇ ବାପାଙ୍କ ଦସ୍ତଖତ କରିକି ତୁ ମୋତେ ସ୍କୁଲ ଛାଡୁଥିଲୁ କି ନାହିଁ ? କେତେ କହିବି ବୋଉ ? ଏତେ ଶିଖେଇଛୁ ପିଲାବେଳୁ ଯେ ତୋ ପୁରାଣ ସରିବନି ..।" ପୁଅ ମୁହଁ ଝାଳନାଳ ।

ହାଁ କରି ପୁଅ ମୁହଁକୁ ଚାହିଁଥିଲେ ଅଲକା । ପେଟ ଫଟେଇ ହସ ଗୋଟାଏ ବାହାରି ଆସିଲା ଗଦାଧରଙ୍କର । ଉଭୟେ ମା' ପୁଅ ଚମକି ଚାହିଁଲେ ଗଦାଧରଙ୍କୁ । ହୋ ହୋ ହୋଇ ହସୁଥିଲେ ଗଦାଧର ନିଜ ଛାତିକୁ ଦୁଇ ହାତରେ ଚାପିଧରି ।

*–ଅଧ୍ୟକ୍ଷା, ସେଣ୍ଟ ଜାଭିଅର କିଡ୍ସ
ବାଲିପୁଟ, ପୁରୀ, ମୋ: ୭୯୭୮୫୭୯୩୯୯*

## ପାଞ୍ଚୋଟି ଏକପଦୀ

**– ଅଧ୍ୟାପକ ବିଷ୍ଣୁ ମୋହନ**

୧
ତୁମେ ଝରଣାର କ୍ଷିପ୍ର ପ୍ରବାହ
କେବେ ପୁଣି ମଂଥର
କେବେ କୁଳୁକୁଳୁ ମଧୁମୟ ତାନ
ପରାଣ କରେ ଅଧୀର ।

୨
ତୁମରି ପ୍ରେମରେ ଦଗ୍‌ଧ ହେବାରେ
ବଢେ ଗଉରବ ମୋର
ଯେତେକ ଛଳନା ଯେତେ ପ୍ରତାରଣା
ସବୁତ ସୋପାନ ତା'ର ।

୩
ବାଧା ବଂଧନ ନଥିଲେ ପ୍ରେମରେ
ହେବ କାହୁଁ ରୋମାଂଚିତ
ସେଥିପାଇଁ ତୁମେ କେବେ ଉଛୁନ୍ନ
କେବେ ହୁଅ ସମାହିତ ।

୪
ନଦୀ ଯେଉଁପରି ସାଗର ପିଆସୀ
ତାହା ହିଁ ତ' ଇପ୍‌ସିତ
ତୁମେ ଖୋଜିଥାଅ ଘନ ଅଂଧାର
ହେବା ପାଇଁ ସମର୍ପିତ ।

୫
ଚଇତି ପବନ କହିଯାଏ କାନେ
ବାଂଧିବାକୁ ବସାଟିଏ
ସମୟର ନଈ ଯାଉଅଛି ବହି
ଅପେକ୍ଷା ନକରି ସିଏ ।

*– ମୋ: ୭୨୦୫୭୨୫୮୨୫୫*



# ଆଲିୟାରୁ କିଆରା

କିଆରା ଆଡଭାନୀଙ୍କ ପ୍ରକୃତ ନାମ ଥିଲା ଆଲିୟା। କିନ୍ତୁ ଯେତେବେଳେ ସେ ଅଭିନୟରେ ପାଦ ଦେବାକୁ ସ୍ଥିର କଲେ ସେତେବେଳେ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଲା। ସେ ତାଙ୍କର ନାମକୁ ପରିବର୍ତ୍ତନ କରିବାକୁ ଚାହିଁଲେ। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। ଏ ବିଷୟରେ କିଆରା କହନ୍ତି, ''କଥା କ'ଣ କି ମୁଁ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲି ସେତେବେଳେ ମୋ ନାମକୁ ନେଇ ଚିନ୍ତା କଲି। କାରଣ ମୋ ପୂର୍ବରୁ ଆଲିୟା ଭଟ୍ଟ ଅଭିନୟ ସହ ଜଡିତ ଥାଆନ୍ତି। ତେଣୁ ନିଜ ନାମକୁ ଚେଞ୍ଜ୍ କରିବାକୁ ସ୍ଥିର କଲି। ସେତିକିବେଳେ ମୋର ଏକ କଥା ମନେ ପଡିଲା। ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ 'ଅଞ୍ଜାନା ଅଞ୍ଜାନୀ'ରେ ତାଙ୍କର ଚରିତ୍ର ନାମ ଥିଲା କିଆରା। ତେଣୁ ମୁଁ ମୋ ନାମକୁ ଆଲିୟାରୁ କିଆରାକୁ ପରିବର୍ତ୍ତନ କରିଥିଲି।'' କିଆରା ହେଉଛନ୍ତି ବିଶିଷ୍ଟ ଅଭିନେତା ଅଶୋକ କୁମାରଙ୍କ ଅଣ ନାତୁଣୀ। ଅଭିନୟ କରିବା ପୂର୍ବରୁ ସେ ଶାହୀଦ କପୁରଙ୍କ ଅଭିନୀତ 'ଉର୍ବଶୀ' ଟାଇଟଲବିଶିଷ୍ଟ ମ୍ୟୁଜିକ ଭିଡିଓରେ ଶିଶୁ କଳାକାର ଏବଂ ନିଜ ମା'ଙ୍କ ସହ ଏକ ବିଜ୍ଞାପନରେ ଦେଖା ଦେଇଥିଲେ। ମାସ୍ କମ୍ୟୁନିକେଶରେ ସେ ଡିଗ୍ରୀ ହାସଲ କରିଛନ୍ତି। ଆକ୍ଟିଂକୁ କ୍ୟାରିୟର କରିବା ପୂର୍ବରୁ ସେ ମୁମ୍ବାଇସ୍ଥିତ ଏକ ପ୍ଲେ ସ୍କୁଲରେ କିଛିଦିନ ଶିକ୍ଷୟିତ୍ରୀ ଭାବରେ କାମ କରିଥିଲେ।



କିଆରା

# ବାର ବର୍ଷ ପରେ...

ପଞ୍ଜାବୀ ସିନେମାର ପରିଚିତା ଅଭିନେତ୍ରୀ ନିରୁ ବାଜୱାଙ୍କ ଖୁସି କହିଲେ ନ ସରେ। କେମିତି ସେ ଖୁସି ହେବେନି କହୁନାହାନ୍ତି ? ହେଲେ ଏହା ପଛରେ କି କାରଣ ରହିଛି ଜାଣିବେନି ? କଥା କ'ଣ କି ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ସନ୍ ଅଫ ସର୍ଦ୍ଦାର ୨' ଚଳିତ ମାସ ୨୫ରେ ରିଲିଜ ହେବାକୁ ଯାଉଛି। ଆଉ ଏକ କଥା। ଦୀର୍ଘ ୧୨ ବର୍ଷ ଗ୍ୟାପ୍ ପରେ ସେ ପୁଣି ଥରେ ବଲିଉଡ୍ ସିନେମାରେ ମୁହଁ ଦେଖାଇବେ। ଏ ନେଇ ନିରୁ କହନ୍ତି, ''ସିନେମା ଯେଉଁ ଭାଷାର ହେଲେ ବି ମୁଁ ସବୁବେଳେ ମୋ ଅଭିନୟକୁ ଗୁରୁତ୍ୱ ଦେଇଥାଏ। ଏହାବ୍ୟତୀତ ହିନ୍ଦୀ ସିନେମାରେ ଅଭିନୟ କରିବାର ମଜା ନିଆରା। 'ସନ୍ ଅଫ ସର୍ଦ୍ଦାର ୨'ର କାହାଣୀରେ ଆକ୍ସନ ଏବଂ କମେଡି ଭରି ରହିଛି। ଏଥିରେ ଦର୍ଶକ ମୋତେ ଡିମ୍ପଲ ଚରିତ୍ରରେ ଦେଖିବାକୁ ପାଇବେ। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।'' ଅଜୟ ଦେବଗନ ଏହାର ଅନ୍ୟତମ ପ୍ରଯୋଜକ ସାଜିବା ସହ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ବ୍ୟତୀତ ମୃଣାଳ ଠାକୁର, ଚଙ୍କି ପାଣ୍ଡେ, ସଞ୍ଜୟ ମିଶ୍ରା ଏବଂ ଶରତ ସକ୍‌ସେନା ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ବିଜୟ କୁମାର ଆରୋରା। ଦେବଗନ ଫିଲ୍ମସ ଏବଂ ଜିଓ ଷ୍ଟୁଡିଓଜ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟି କେବଳ ହିନ୍ଦୀ ଭାଷାରେ ହିଁ ନିର୍ମାଣ କରାଯାଇଛି।



ନିରୁ



ସ୍ୱପ୍ନା

# ୱାଇଫ ନୁହେଁ ସେ ୱାଇଫାଇ

ଓଡିଶାର ଅନ୍ୟତମ ଦର୍ଶକାଦୃତ ମନୋରଞ୍ଜନ ଚ୍ୟାନେଲ ହେଉଛି ଜୀ ସାର୍ଥକ। ଏହି ଚ୍ୟାନେଲରେ ଚଳିତ ମାସ ୨୦ ତାରିଖ ଅର୍ଥାତ ରବିବାର ଦିନ ପ୍ରସାରିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ୱାଇଫ ନୁହେଁ ସେ ୱାଇଫାଇ'। ଏହାର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬:୩୦।

ଏହି ଫିଲ୍ମର କାହାଣୀ ଅନୁସାରେ ବନ୍ୟା ହେଉଛି ଜଣେ ପ୍ରତିଭାଶାଳୀ ଗ୍ରାମୀଣ ଝିଅ, ଯିଏ ଲୋକଙ୍କ ମନ କଥା ପଢ଼ିପାରେ। ଜନ୍ମରୁ ନିଜ ମା'ଙ୍କୁ ହରାଇଥିବା ଓ ସାବତ ମାଆଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ବନ୍ୟା ନିଜର ଏହି ଅଦ୍ଭୁତ ଶକ୍ତି ପାଇଁ ସମାଲୋଚନାର ଶିକାର ହୁଏ। ଏପରିକି ଗାଁରେ ତାକୁ ଡାହାଣୀ ମଧ୍ୟ କହନ୍ତି। ସମୟକ୍ରମେ ବନ୍ୟା ସହରରେ ଜୀବନ ଆରମ୍ଭ କରନ୍ତି ଓ ନିଜ ଜୀବନର ସମସ୍ତ ସଂଘର୍ଷରୁ ଉର୍ଦ୍ଧ୍ୱକୁ ଉଠି ରୋନକ୍‌ଙ୍କୁ ବିବାହ କରନ୍ତି। ହେଲେ ଏଠି ଆରମ୍ଭ ହୁଏ କାହାଣୀରେ ଟ୍ୱିଷ୍ଟ। ତେବେ ବନ୍ୟା ସମ୍ମୁଖୀନ ହେଉଥିବା ସମସ୍ୟାକୁ କିପରି ସାମ୍ନା କରୁଛି ଆଉ ତାହାର ପାରିବାରିକ ଜୀବନ କିପରି ଚାଲେ–ଏଭଳି ଅନେକ ପ୍ରଶ୍ନର ଉତ୍ତର ଆପଣ ସିନେମାଟି ଦେଖିଲେ ହିଁ ଜାଣିପାରିବେ। ମିନାକ୍ଷୀ ପଟ୍ଟନାୟକ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୀବ ଦ୍ୱିବେଦୀ। ସ୍ୱପ୍ନା ପ୍ରିୟଦର୍ଶିନୀ, ଗିରିଜା, ମିଲି, ସୁମନ୍ତ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଶାନ୍ତନୁ ନାୟକ। କାହାଣୀ ଲେଖିଛନ୍ତି ସୁଶାନ୍ତ ମଣି। ଫିଲ୍ମକୁ ଦେଖି ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ। ଏହି ଚଳଚ୍ଚିତ୍ରର କାହାଣୀ ନାରୀମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହେବ ବୋଲି ସେ ଆଶା ରଖିଛନ୍ତି।

# ରହସ୍ୟ ଖୋଲିଲେ ସାରା

ସାରା ଅଲ୍ଲୀ ଖାଁ ଯେତେବେଳେ ବଲିଉଡ୍‌ରେ ନିଜ କ୍ୟାରିୟର ଆରମ୍ଭ କଲେ ସେତେବେଳେ ତାଙ୍କ ସାମ୍ନାରେ ଓଜନ ବଡ ସମସ୍ୟା ଥିଲା। ତେଣୁ ପ୍ରଥମ ସିନେମା 'କେଦାରନାଥ'ର ଶୁଟିଂ ପୂର୍ବରୁ ଓଜନ କମାଇବାକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଥିଲା। ତେଣୁ କାଳବିଳମ୍ବ ନ କରି ସେ ଏଥିରେ ଲାଗି ପଡିଥିଲେ। କିନ୍ତୁ ଏହାପଛରେ ଆଉ ଜଣଙ୍କ ଟିପ୍ସ କାମ କରିଥିଲା। ହେଲେ ସେ କିଏ ? ଏ ନେଇ ସାରା କହନ୍ତି, '' ସେହି ସମୟରେ ମୋର ବଡ ପ୍ରୋବ୍ଲେମ ଥିଲା ଓଭରୱେଟ୍। ଆଉ ମାତ୍ର ଦୁଇ ସପ୍ତାହ ଭିତରେ ୩୦ କିଗ୍ରା କମାଇବାକୁ ମୋତେ ପ୍ରଯୋଜକ କହିଥିଲେ। ତା'ପରେ ଥରେ ମୋର ସଲମାନ ଖାନ୍‌ଙ୍କ ସହ ଭେଟ ହେଲା। ଆଉ ତାଙ୍କର ପ୍ରତିଟି ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ଶେଷରେ ମୋର ଓଜନ ମିଶନ ସକ୍‌ସେସ୍ ହୋଇଥିଲା।'' ସାରା ଅଭିନୟ କରିଥିବା 'ମେଟ୍ରୋ ଇନ୍ ଦିନୋ' ଚଳିତ ମାସ ୪ ତାରିଖରେ ରିଲିଜ ହୋଇଛି। ୮୫କୋଟି ବଜେଟ୍‌ର ଏହି ଫିଲ୍ମ ଇତିମଧ୍ୟରେ ଆଶାନୁରୂପ ବିଜନେସ କରିବାରେ ସକ୍ଷମ ହୋଇନାହିଁ।



ସାରା

# କେବଳ ଶାହୀଦଙ୍କ ପାଇଁ..

ଦିଶା ପଟାନି ଏବେ ବିଶାଲ ଭରଦ୍ୱାଜଙ୍କ ଆଗାମୀ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ହେଲେ ଏଥିରେ ସେ ନାୟିକା ସାଜୁନାହାନ୍ତି। ଏକ କାମିଓ ରୋଲ୍‌ରେ ଦର୍ଶକ ତାଙ୍କୁ ଦେଖିବାକୁ ପାଇବେ। ଯେତେବେଳେ ଏଭଳି ଏକ ରୋଲ୍ ପାଇଁ ତାଙ୍କୁ ଯୋଗାଯୋଗ କରାଗଲା ସେ ପ୍ରଥମେ ରାଜି ହୋଇ ନ ଥିଲେ। କିନ୍ତୁ ବିଶାଲଙ୍କର ଏକା ଜିଦ୍ ଏହି ରୋଲ୍ ପାଇଁ ସେ ଦିଶାଙ୍କୁ ହିଁ ସାଇନ୍ କରାଇବେ। ଶେଷକୁ ଏହି ଭାର ଏହାର ନାୟକ ଶାହୀଦ କପୁରଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଶାହୀଦ ମଧ୍ୟ ବିଶାଲଙ୍କୁ କଥା ଦେଇଥିଲେ ଯେ, ସେ ଯେମିତି ହେଲେ ଦିଶାଙ୍କୁ ମନାଇବାରେ ସକ୍ଷମ ହେବେ। ବାସ୍, ଦିଶାଙ୍କ ସହ ମାତ୍ର ଘଣ୍ଟାଏ କଥାବାର୍ତ୍ତାରେ ସେ ତାଙ୍କ ମତକୁ ପରିବର୍ତ୍ତନ କରିପାରିଥିଲେ। ଏ ନେଇ ଦିଶା କହନ୍ତି, ''ଯେତେବେଳେ ଏହି ଛୋଟ ଭୂମିକା ପାଇଁ ଶାହୀଦ ମୋତେ କହିଲେ, ତାଙ୍କର କଥାକୁ ମୁଁ ଏଡାଇ ପାରିଲି ନାହିଁ। ଭୂମିକାଟି ଛୋଟ ହେଲେ ମଧ୍ୟ କାହାଣୀ ସହ ଏହାର ସଂଯୋଗ ରହିଛି।'' ଏହାପୂର୍ବରୁ ବିଶାଲଙ୍କ ନିର୍ଦ୍ଦେଶନାରେ ଶାହୀଦ ଦୁଇଟି ଫିଲ୍ମ–'ହାଇଦର' ଏବଂ 'କମିନେ'ରେ ଅଭିନୟ କରିସାରିଛନ୍ତି। ନାଦିଆଦୱାଲା ଗ୍ରାଣ୍ଡସନ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ସାଜିଦ ନାଦିଆଦୱାଲା। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମରେ ଶାହୀଦଙ୍କ ଅପୋଜିଟ୍‌ରେ ଅଛନ୍ତି ତ୍ରିପ୍ତି ଡିମରି।



ଦିଶା

# ପ୍ରମୋଦଙ୍କ ପ୍ରଶଂସାରେ ଅମ୍ଳାନ

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଏକଦା ମହାଦେବ ଫିଲ୍ମସ ବ୍ୟାନରରେ ଏବଂ ଓଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ତୁ ମୋ ଗାର୍ଲଫ୍ରେଣ୍ଡ'ରେ ମିହିର ଦାସ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ଯେତେବେଳେ ତାଙ୍କର ପୁଅ ଅମ୍ଳାନ ଓଡ଼ିଆ ସିନେମାରେ ଏଣ୍ଟ୍ରି କଲେ ସେତେବେଳେ ମିହିରଙ୍କ ଆଶା ଥିଲା ଯେ, ସେ ଦିନେ ନା ଦିନେ ଏହି ବ୍ୟାନରରେ ଅଭିନୟ କରିବାର ସୁଯୋଗ ପାଇବ। ଯାହାହେଉ ତାଙ୍କର ଏହି ଆଶାକୁ ନିକଟରେ ପ୍ରମୋଦ ପୂରଣ କରିଛନ୍ତି। ଅର୍ଥାତ୍ ତାଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଏକ ନୂଆ ସିନେମାର ନାୟକ ସାଜୁଛନ୍ତି ଅମ୍ଳାନ। ଆଉ ଏଭଳି ସୁଯୋଗ ପାଇବା ପରେ ସେ ପ୍ରଯୋଜକଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ମ୍ୟୁଜିକ ସିଟିଂ କାମ ଚାଲୁ ରହିଛି। ଓଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ସାହୁଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଚିତ୍ରରେ ଅମ୍ଳାନଙ୍କ ନାୟିକା ସାଜୁଛନ୍ତି ତୃପ୍ତି ମିରମ୍ବିକା। ଶିବା–ପ୍ରଣବ ସଂଳାପ ଲେଖୁଥିବା ବେଳେ ଗୀତଗୁଡିକୁ ସ୍ୱର ଦେଉଛନ୍ତି ସୋମେଶ–ଆଶିଷ। ଏହାର ଶୁଟିଂ ଆସନ୍ତା ମାସରୁ ଆରମ୍ଭ ହେବାର ଯୋଜନା ରହିଛି। ସୂଚନାଯୋଗ୍ୟ ଏହାପୂର୍ବରୁ ପ୍ରମୋଦ 'ଦେ ମା' ଶକ୍ତି ଦେ', 'ତୁ ମୋ ଆଖିର ତାରା', 'ତୁ ମୋ ଗାର୍ଲଫ୍ରେଣ୍ଡ', 'ଦିୱାନା ଦିୱାନୀ', ଏବଂ ରିଲିଜ ଅପେକ୍ଷାରେ ଥିବା ନୂଆ ସିନେମା 'ଆଶିକ ଦିୱାନା' (ଦୀପକ–ରିୟା)ର ପ୍ରଯୋଜନା କରିସାରିଛନ୍ତି।




(ବାମରୁ) ପ୍ରମୋଦ–ଅମ୍ଳାନ

# ବାପାମା'ଙ୍କ ହାତରେ ଅର୍ପଣ କରିଥିଲି

**ପ୍ରଥମ ରୋଜଗାର**

ସତର ହଜାର ପାଞ୍ଚ ଶହ ଟଙ୍କା ! ବାଃ ! ଅବିଶ୍ୱସନୀୟ ସତରେ ! ମୋର ପ୍ରଥମ ଦରମା ଏହା ହିଁ ଥିଲା ୧୯୯୯ ଡିସେମ୍ବର ମାସର ମଧ୍ୟଭାଗରେ । ଭାରତୀୟ ଅର୍ଥନୈତିକ ସେବାରେ ମୁଁ ୨୫ ଅକ୍ଟୋବର ୧୯୯୯ରେ ଯୋଗ ଦେଇଥିଲି । ମୋର ପ୍ରଥମ ଦରମାରେ ଗୋଟିଏ ପୂର୍ଣ୍ଣ ମାସ ସହ ପୂର୍ବ ମାସର କିଛିଦିନର ଦରମା ସମାହିତ ଥିଲା । ଚେକ୍‌ଟି ଡିସେମ୍ବର ମଧ୍ୟଭାଗରେ ଆସି ପହଞ୍ଚିଥିଲା ମୋ ପାଖରେ । ଭାବନାରେ ଉଲ୍ଲାସ, ସ୍ୱାଧୀନତା ଏବଂ କୃତଜ୍ଞତାର ସମ୍ମିଶ୍ରଣ ଥିଲା । ମନ ମଧ୍ୟରେ ବିଶ୍ୱାସ ଏବଂ ଅବିଶ୍ୱାସର ଏକ ସମ୍ମିଳିତ ଭାବନାର ଲହରି ଲହରାୟିତ ହେଉଥାଏ । ଉଙ୍କିମାରୁଥାଏ ପ୍ରଶ୍ନ ପରେ ଆଉ ଏକ ପ୍ରଶ୍ନ- ଏତେ ଗୁଡ଼େ ଟଙ୍କା, ପ୍ରଥମ ଦରମା ଏବଂ ଏହି ପ୍ରଥମ ଦରମାରେ କ'ଣ କରାଯାଇପାରେ ? ଏକ ବଡ଼ ପାର୍ଟି-ସାଙ୍ଗ, ସଙ୍ଗୀନୀ, ପରିବାର ସଦସ୍ୟ ଆଦିଙ୍କ ଉପସ୍ଥିତିରେ ? ହୁଏତ ସହରର ଦାମୀ ସିନେମା ଗୃହରେ ସପରିବାରେ ସିନେମା ଦେଖିବା ? ମୋ ବାପାମାଆଙ୍କ ପାଇଁ କିଛି ମନ ପସନ୍ଦର ଉପହାର ?

ପ୍ରଥମ ଦରମାର ଖର୍ଚ୍ଚର ଏକ ସଫଳ ଯୋଜନା ପ୍ରବନ୍ଧନରେ ପରବର୍ତ୍ତୀ କିଛିଦିନ ଅତିବାହିତ ହେଲା । ଏହାପରେ ବହୁତ ଥର ମୁଁ ଘର ନିକଟ ବଜାର ଯାଇଛି- କିନ୍ତୁ କିଛି ବି କିଣିବାକୁ ଅସମର୍ଥ ଥିଲି । ଖାଲି ବାହାରୁ ଜିନିଷ ଦେଖି ଘରକୁ ଫେରୁଥାଏ ବାରମ୍ବାର । ଶାଢ଼ି ଦୋକାନରେ ୱିଣ୍ଡୋ ଶପିଂଠାରୁ ଡ୍ରେସ୍ ସାମଗ୍ରୀ ବିକ୍ରି କରୁଥିବା ଦୋକାନ ପର୍ଯ୍ୟନ୍ତ, ଅର୍ଡର ନ କରି ରେଷ୍ଟୁରାଣ୍ଟରେ ବୁଲାଚଲା କରିବାଠାରୁ ଆଇସ୍‌କ୍ରିମ୍ ପାର୍ଲର ପର୍ଯ୍ୟନ୍ତ । ଆର୍ଚିଜ୍‌ର ଗିଫ୍ଟ ଦୋକାନରୁ କମଳାନଗର, ଦିଲ୍ଲୀ ମାର୍କେଟରେ ଲକ୍ଷ୍ୟହୀନ ଭାବରେ ଏକାକିନୀ ହୋଇ ବୁଲିବା ପର୍ଯ୍ୟନ୍ତ, ଦରମା ଖର୍ଚ୍ଚର ଉପଯୁକ୍ତ ପନ୍ଥାର ଅନ୍ୱେଷଣରେ ବ୍ରତୀ ହେବା ପର୍ଯ୍ୟନ୍ତ ମୁଁ ନିଜକୁ ବିଶେଷ ଭାବେ ନିୟୋଜିତ କରିଥିଲି । ଦରକାରୀ, ଆରାମଦାୟୀ ଏବଂ ବିଳାସପୂର୍ଣ୍ଣ ଜିନିଷଗୁଡ଼ିକ ପ୍ରକୃତରେ କ'ଣ ପରିଭାଷିତ କରେ ତାହା ଆତ୍ମ ନିରୀକ୍ଷଣ କରି ଚାଲୁଥାଏ ମୁଁ । ସତେ ଯେପରି ପ୍ରଥମ ଦରମା ପ୍ରାପ୍ତି ଯୋଗୁ ଉତ୍ପନ୍ନ ଅସୀମ ଉଲ୍ଲାସ ଏବଂ ଭାବାବେଗଗୁଡ଼ିକୁ ସ୍ମରଣୀୟ କରି ଗଢ଼ି ତୋଳିବାର ମାନଦଣ୍ଡ ମନର ଏକ ଅଦୃଶ୍ୟ କୋଣରେ ଖୋଜି ବୁଲୁଥିଲି ମୁଁ । ଆଉ ଏହି ପ୍ରଥମ ଦରମାକୁ ସ୍ମରଣୀୟ କରିବାର ମାନକ ସହିତ କିଛି ମେଳ ଖାଉ ନ ଥିବା ହେତୁ ମନରେ ଅସନ୍ତୋଷର ଛିଟା ପରିଲକ୍ଷିତ ହେଉଥିଲା ।

ପନ୍ଦର ଦିନ ବିତିଗଲାଣି ଇତିମଧ୍ୟରେ । ସ୍ଥିରକଲି ମୋର ସେହି ଅମୂଲ୍ୟ ପ୍ରଥମ ଦରମାକୁ ମୁଁ ମୋ ବାପା ମାଆଙ୍କୁ ସମର୍ପଣ କରିବି । ବାପାମାଆଙ୍କ ଚରଣ ସ୍ପର୍ଶ କରିବା ପରେ ପ୍ରଥମ ଦରମାକୁ ତାଙ୍କ ହାତରେ ଅର୍ପଣକରି ଅନୁରୋଧକଲି ଯେ, ସେମାନେ ହିଁ ନିଷ୍ପତ୍ତି ନିଅନ୍ତୁ, ଏହି ଟଙ୍କାକୁ କିଭଳି ଭାବରେ ଏବଂ କେଉଁ କ୍ଷେତ୍ରରେ ସର୍ବୋତ୍ତମ ଦିଗରେ ବ୍ୟବହାର କରାଯାଇପାରିବ । ଏହାକରି, ମୁଁ ସନ୍ତୁଷ୍ଟ ହେଲି ଏବଂ ହୃଦୟରେ ଅନୁଭବକଲି ଯେ, ବାପାମାଆ ମୋ ଭିତରେ ଯେଉଁ ମୂଲ୍ୟବୋଧର ସଞ୍ଚାରକରି ଆସିଛନ୍ତି ତାହା ପ୍ରତି ମୁଁ ନ୍ୟାୟ ଦେଇପାରିଛି ।


ଏହା ବହୁଦିନ ପୂର୍ବର କଥା । ପରବର୍ତ୍ତୀ ମାସରେ ଯେତେବେଳେ ମୋ ପୁଅ ବିନାୟକ ତ୍ରିପାଠୀ ତା'ର ପ୍ରଥମ ଦରମା ପାଇବ, ସେତେବେଳେ ମୁଁ ଦେଖିବି ଯେ ମୁଁ ତାକୁ କେଉଁ ମୂଲ୍ୟବୋଧ ଦେଇ ଏତେ ବଡ଼ କରିଛି ଏବଂ ସେ କେମିତି ତା'ର ପ୍ରଥମ ଦରମା ଖର୍ଚ୍ଚ କରିପାରିଛି ।



ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଏବଂ ଅତିରିକ୍ତ ଆର୍ଥିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଈଶିତା କି. ତ୍ରିପାଠୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ସାଥୀ**

# ଚାହାଣି ନୁହେଁ ସେ ପ୍ରେମ କାହାଣୀ, କେବେ ଧରା ଦେବ ସୁନା ହରିଣୀ



**ପ୍ରଶ୍ନ-** ଜଣେ ସୁନ୍ଦରୀ ଝିଅ ମୋତେ ସବୁବେଳେ ଲାଜେଇ ଲାଜେଇ ଚାହୁଁଛି । ସେହି ସୁନ୍ଦରୀ ଯଦି ମୋ ପ୍ରେମ ଫାସରେ ଧରା ଦିଅନ୍ତା ତେବେ ଭଲ ହୁଅନ୍ତା । ମୋର ଏହି ପ୍ରେମ ମିଶନ କିପରି ସକସେସ୍ ହେବ କହିବେ କି ସାଥୀ ? *-ତନ୍ମୟ କୁମାର ସାହୁ, ଅନୁଗୋଳ*

**ଉତ୍ତର:** ସୁନ୍ଦରୀର ଲାଜୁଆ ହସ ଅନେକ କଥା କହିଥାଏ । ସେଥିରେ ଏଭଳି ଚୁମ୍ବକ ଥାଏ ଯେ, ପ୍ରେମ ଡୋରିରେ ବାନ୍ଧି ହେବା ପାଇଁ ଉଚ୍ଛନ୍ନ ହେଉଥିବା ପ୍ରେମିକଟି ଆଖି ପିଛୁଳାକେ ସେହି ହସରେ ଟାଣି ହୋଇଯାଏ । ଆପଣ ବା ସେଥିରୁ ବାଦ୍ ପଡିବେ କେମିତି ! ସେହି ସୁନ୍ଦରୀକୁ ଆପଣଙ୍କ ମନର ମାନସୀ କରିବାକୁ ବୋଧହୁଏ ମାଇଣ୍ଡ ମେକଅପ୍ କରିସାରିଲେଣି । ହେଲେ ବାସ୍ତବତାକୁ ଆସି ତାହାକୁ ଇମ୍ପ୍ଲିମେଣ୍ଟ କରିବା ହେଉଛି ବଡ କଥା । 'ଚାହାଣି ନୁହେଁ ସେ ପ୍ରେମ କାହାଣୀ, କେବେ ଧରା ଦେବ ସୁନା ହରିଣୀ ।' ତେଣୁ ସମୟ ସୁବିଧା ଦେଖି ଆପଣଙ୍କ ମନର କଥା ତାଙ୍କୁ କୁହନ୍ତୁ । ଯଦି ଆପଣଙ୍କ କଥା ସେହି ସୁନ୍ଦରୀଙ୍କ ମନକୁ ଭେଦି ପାରିଲା, ହୁଏତ କିଛି ଫାଇଦା ମିଳିପାରେ । ନ ହେଲେ କଥାଟି ମରିଚିକା ପଛରେ ଗୋଡାଇବା ପରି ହେବ ।

**ପ୍ରଶ୍ନ-** ମୋ ପ୍ରେମିକା ମୋତେ କଥା ଦେଇ ଯାଇଛି ଯେ ସେ ଶୀଘ୍ର ଫେରି ଆସିବ । ସେ ମୋତେ ଧୋକା ଦେଇ ଚାଲି ଗଲାନି ତ ? *-ବିଶ୍ୱଜିତ ନାୟକ, କଟକ*

**ଉତ୍ତର:** ପ୍ରେମିକା ଯେତେବେଳେ ପାଖରୁ ଚାଲିଯାଏ ସେତେବେଳେ ତା' ଫେରିବା ବାଟକୁ ପ୍ରେମିକ ଚାତକ ପରି ଚାହିଁ ରହିଥାଏ । ମନରେ ଅନେକ ପ୍ରଶ୍ନ ଉଠିଥାଏ । ଠିକ୍ ଯେମିତି ଆପଣ ଭାବୁଛନ୍ତି-ମୋ ପ୍ରେମିକା ଫେରି ଆସିବ ତ ? ଗୋଟିଏ କଥା । ଯଦି ଆପଣଙ୍କ ପ୍ରେମରେ ଟିକିଏ ହେଲେ ଆବିଳତା ନ ଥିବ ତେବେ ସେ ନିଶ୍ଚୟ ଫେରିଆସିବ । ଯଦି ଏହି ପ୍ରେମ କେବଳ ଉପର ଠାଉରିଆ ହୋଇଥିବ ଓ ସେଥିରେ ଟିକିଏ ହେଲେ ଦମ୍ ଆଉ ବିଶ୍ୱାସ ନ ଥିବ ହୁଏତ ସେ ନ ଫେରିପାରେ । ପ୍ରେମିକା ଉପରେ ଯଦି ଶତ ପ୍ରତିଶତ ଭରସା ଅଛି ତେବେ ଛାତି ଦମ୍ଭ କରି ଅପେକ୍ଷା କରନ୍ତୁ । ଆପଣଙ୍କ ମନର ମାନସୀ ଆପଣଙ୍କୁ ସର୍‌ପ୍ରାଇଜ ଦେବା ଭଳି ଆସି ସାମ୍ନାରେ ଉଭା ହେବ ।

**ପ୍ରଶ୍ନ-** ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି । ହେଲେ ସମସ୍ୟା ଏତିକି ଯେ ସେ ମୋ ଠାରୁ ବୟସରେ ବଡ । କ'ଣ କରିବି ? *-ଅନିକେତ ରାଉତ, ବ୍ରହ୍ମପୁର*

**ଉତ୍ତର:** ସତରେ, ପ୍ରେମରେ ବୟସ ଏକ ବଡ ଫ୍ୟାକ୍ଟର । ହେଲେ ତାକୁ ଯଦି ପ୍ରେମୀ ଯୁଗଳ ଆଡଜଷ୍ଟ କରିନିଅନ୍ତି ତେବେ କିଛି ସମସ୍ୟା ନାହିଁ । ନ ହେଲେ ତାହା ସାରା ଜୀବନ ଆପଣଙ୍କୁ ଘାଣ୍ଟି ଚାଲିଥିବ । ଯଦି ତୁହେଁ ଦୁହିଁଙ୍କ ପ୍ରେମରେ ରାଜି ତେବେ ବୟସ ଯେ ବାଧକ ସାଜିବ-ଏକଥା କାହିଁକି ସାଥୀ ହଜମ କରି ପାରୁନାହିଁ । ବାସ୍, ପ୍ରେମିକା ଉପରେ ଭରସା ରଖନ୍ତୁ । ସେ ଯଦି ଆପଣଙ୍କ ଉପରେ ବିଶ୍ୱାସ ରଖିଛି ତେବେ ତାହାକୁ ତୁଟିବାକୁ ଦିଅନ୍ତୁ ନାହିଁ । ନ ହେଲେ କେତେବେଳେ ଯେ, ଆପଣଙ୍କ ପ୍ରେମର ମୀନାର ଭୁଶୁଡି ପଡିବ ତାହା କଳ୍ପନା କରିପାରିବେ ନାହିଁ ।

**ପ୍ରଶ୍ନ-** ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲିଣି । ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁ ନାହିଁ । ସେ କ'ଣ ମୋତେ ଭଲ ପାଉଛି ? *-ପୃଥ୍ୱୀରାଜ, ଖୋର୍ଦ୍ଧା*


**ଉତ୍ତର:** ଯେଉଁ ଝିଅକୁ ଏତେଥର 'ଆଇ ଲଭ୍ ୟୁ' କହିସାରିଲେଣି, ତାହାର ହାବଭାବ ତ ଲକ୍ଷ୍ୟ କରିଥିବେ । ତା'ର ଚୋରା ଚାହାଣୀ ଆଉ ହସରେ ଅନେକ କଥା ଲୁଚି ରହିଥାଏ । ତାହାକୁ ତର୍ଜମା କରନ୍ତୁ । ଯଦି ସେଥିରୁ ପ୍ରେମର ବାସ୍ନା ଆସିଲା, ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ । ନ ହେଲେ ଆଉ କେହି ହୁଏତ ଏହାର ଫାଇଦା ନେଇଯାଇପାରେ । ତେଣୁ ଶୁଭସ୍ୟ ଶିଘ୍ରମ୍, ନା କ'ଣ କହୁଛନ୍ତି !

# ଶ୍ରୀକୃଷ୍ଣଙ୍କ ଭାସ୍କର୍ଯ୍ୟ ଦୁନିଆ





ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀକୃଷ୍ଣ ପାତ୍ର ! ଜୀବନ ଥିଲା ଯାହାଙ୍କର ଖୁବ୍ ସଂଘର୍ଷମୟ । ବାଲେଶ୍ୱର ଜିଲାର ଭୋଗରାଇ ଥାନା ଅନ୍ତର୍ଗତ ଜଳେଶ୍ୱରପୁର ଗ୍ରାମରେ ୩ ମେ ୧୯୯୬ରେ ତାଙ୍କର ଜନ୍ମ । ମାତ୍ର ପାଞ୍ଚ ବର୍ଷ ବୟସରେ ସେ ହୋଇଥିଲେ ପିତୃହରା । ଘରର ଆର୍ଥିକ ଅବସ୍ଥା ଖୁବ୍ ଶୋଚନୀୟ । ମା' ସନ୍ଧ୍ୟାରାଣୀ ପାତ୍ର ଚାହୁଁଥିଲେ ପିଲାଟି କେମିତି ପାଠପଢି ମଣିଷ ହେଉ । ହେଲେ ପିଲାଟିର ବିଦ୍ୟାଳୟ ଯାଇ ପାଠପଢିବାରେ ଆଦୌ ଆଗ୍ରହ ନ ଥିଲା । ଏପଟେ ମା'ଙ୍କ ପାଖରେ ନା ଜମି ଥିଲା, ନା ଅର୍ଥ ଥିଲା , ନା ଲୋକବଳ ଥିଲା । ବାଧ ହୋଇ ପୁଅର ଭବିଷ୍ୟତ ପାଇଁ ସେ ତାକୁ ନେଇ ଛାଡିଥିଲେ ଅନାଥ ଆଶ୍ରମରେ । ସ୍ନେହୀ ଶିକ୍ଷକ ଉମାକାନ୍ତ ଦାସଙ୍କ ନିଘାରେ । ଯିଏ ପ୍ରଥମରୁ ପଣ କରିଥିଲେ ଯେମିତି ହେଉ ପିଲାଟିକୁ ପାଠ ପଢାଇ ମଣିଷ ପରି ମଣିଷ କରିବେ । ସେହି ବାଲ୍ୟତ ସମୟରୁ ସେ ଉମାକାନ୍ତଙ୍କୁ ପାଠ ସହ ଚାଷ କାର୍ଯ୍ୟ ବି ଶିଖାଉଥିଲେ । ଚାଷ କାର୍ଯ୍ୟରୁ ରିହାତି ମିଳିଲେ ବିଲରୁ ମାଟି ନେଇ ଜଗନ୍ନାଥଙ୍କ ମୂର୍ତ୍ତି ଏବଂ କଣ୍ଢେଇ ଆଦି ବନାଉଥିଲେ, ଯେଉଁ ସବୁ ମୂର୍ତ୍ତିକୁ ସଂଗ୍ରହ କରି ସାଇତି ରଖୁଥିଲେ ତାଙ୍କ ପ୍ରିୟ ଶିକ୍ଷକ ଉମାକାନ୍ତ ଦାସ । ନିଜ ଗୋଡ଼ରେ ନିଜେ କିଭଳି ଶ୍ରୀକୃଷ୍ଣ ଠିଆ ହୋଇପାରିବେ ସେଥିପାଇଁ ଚେଷ୍ଟିତ ଥିଲେ ଉମାକାନ୍ତ ସାର୍ । ମାଧ୍ୟମିକ ଶିକ୍ଷା ପରେ କଳା ଶିକ୍ଷା ପାଇଁ ସେ ହିଁ ବାଲେଶ୍ୱର କଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ନାମ ଲେଖାଇ ଦେଇଥିଲେ ତାଙ୍କର । ପରେ ସ୍ନାତକ ଓ ସ୍ନାତକୋତ୍ତର ପଢ଼ିବା ପାଇଁ ବାଲେଶ୍ୱର କଳା ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ତାଙ୍କୁ ସହଯୋଗ କରିଥିଲେ ।



ପାଠପଢା ପରେ ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରେ ଭାସ୍କର୍ଯ୍ୟ ଏବଂ ସେରାମିକ ବିଭାଗରେ ଅଧ୍ୟାପନା କଲେ । ଶ୍ରୀକୃଷ୍ଣଙ୍କ କାର୍ଯ୍ୟର ମାଧ୍ୟମ ମାଟି , ପଥର , କାଠ,ଫାଇବର ଗ୍ଲାସ ,କଂସା/ପିତ୍ତଳ, ଆଲୁମିନିୟମ ଇତ୍ୟାଦି । କିନ୍ତୁ ନିଜେ ସେ କାଠ ଏବଂ କଂସା ପିତ୍ତଳରେ କାର୍ଯ୍ୟ କରିବାକୁ ପସନ୍ଦ କରିଥାନ୍ତି । ସ୍ଥାପତ୍ୟକୁ କାହିଁକି ମାଧ୍ୟମ କରିବାକୁ ଚାହିଁଲେ ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ କୁହନ୍ତି , ''ଆମ ଅଞ୍ଚଳବାସୀ ଉଭୟ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳାକୁ ପସନ୍ଦ ତ କରନ୍ତି କିନ୍ତୁ କିଣିଲା ବେଳେ ଭାସ୍କର୍ଯ୍ୟ ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରନ୍ତି । ମୋର ଅର୍ଥର ଖୁବ୍ ଆବଶ୍ୟକ ଏବଂ ଭାସ୍କର୍ଯ୍ୟ ଭଲ ହେଉଥିଲା ତେଣୁ ମୁଁ ଭାସ୍କର୍ଯ୍ୟକୁ ମାଧ୍ୟମ କଲି ।''ତାଙ୍କର ଏହି କଳା କାରିଗରି ପାଇଁ ସେ ପଢୁଥିବା ମହାବିଦ୍ୟାଳୟରେ ଷ୍ଟୁଡେଣ୍ଟ ଅଫ ଦି ଇୟର ହେବା ସହ ଅନେକ ପୁରସ୍କାର ପାଇଛନ୍ତି ।


ଏହା ବ୍ୟତିରେକ ରାଜ୍ୟ ଓ ଜାତୀୟ ସ୍ତରୀୟ ଅନେକ ପ୍ରଦର୍ଶନୀ ଓ ପ୍ରତିଯୋଗିତାରେ ଭାଗ ନେଇ ସେ ପ୍ରଶଂସିତ ଓ ସମ୍ମାନିତ ହୋଇଛନ୍ତି ।



ଅସିତ ମୁଖାର୍ଜୀ ମେମୋରିଆଲ ଆୱାର୍ଡ ହେଉ କି ଆଲୁମ୍ନି କଳାକ୍ଷେତ୍ର ଅଥବା ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଶ୍ରୀକୃଷ୍ଣ ନିଜ କଳାକୃତିକୁ ନେଇ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି ।

ଶ୍ରୀକୃଷ୍ଣଙ୍କ ସେରାମିକ କାର୍ଯ୍ୟଗୁଡିକ ଅତୀବ ରମଣୀୟ । ସେ ସମ୍ପର୍କରେ ଶ୍ରୀକୃଷ କୁହନ୍ତି, ଏହା ଉଚ୍ଚ ତାପମାତ୍ରାରେ ପ୍ରସ୍ତୁତ ହେଉଥିବା ଏକ ଅଜୈବିକ ବସ୍ତୁ । ବହୁ ପୁରାତନ କାଳରୁ ସ୍ୱତନ୍ତ୍ର ବିଭାଗ ଅଧିକାର କରିଥିବା ଏହି ପ୍ରଣାଳୀ ଟେରାକୋଟାଠାରୁ ଟିକେ ଉନ୍ନତ ଧରଣର । ଓଡ଼ିଶାରେ ମାତ୍ର ଦୁଇଟି କଳାମହାବିଦ୍ୟାଳୟରେ ସେରାମିକ ଉପରେ ଶିକ୍ଷା ଦିଆଯାଉଥିବା କାରଣରୁ ବାଲେଶ୍ୱର କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକୃଷ୍ଣଙ୍କୁ ନିଜ ଛାତ୍ରୀଛାତ୍ରମାନଙ୍କୁ ସେରାମିକ ବିଷୟରେ ଶିକ୍ଷା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ପ୍ରସ୍ତାବନା କ୍ରମେ କଲିକତା କଳା ମହାବିଦ୍ୟାଳୟରୁ ପ୍ରାଥମିକ ଭାବେ କିଛି ଶିଖିବା ପରେ ଶିକ୍ଷାର୍ଥୀଙ୍କ ସହ ସେରାମିକ ଉପରେ ଏବେ କାମ କରୁଛନ୍ତି ।

ଏଥିପାଇଁ ପ୍ରଥମେ ଚିତ୍ରର ପରିକଳ୍ପନା, ତା'ପରେ ମାଧ୍ୟମ, ପରିମାପ, ଭାବଭଙ୍ଗୀ, ଲାବଣ୍ୟର ଛାପ, ଭାରସାମ୍ୟ ଆଦିର ଠିକ୍ ସଂରଚନା ପରେ ରଙ୍ଗ ଦେବାପାଇଁ ପଡ଼େ । ଶ୍ରୀକୃଷ୍ଣ କୁହନ୍ତି ଜ୍ୟାମିତି ହେଉଛି ଭାସ୍କର୍ଯ୍ୟର ଏକ ଅଙ୍ଗ ଯାହା ବିନା କାମ ଅସମ୍ପୂର୍ଣ୍ଣ । ଓଡ଼ିଶାରେ କଳାକୁ ନେଇ ଜୀବିକା ନିର୍ବାହ ସମ୍ଭବ କି ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ କୁହନ୍ତି, ଓଡ଼ିଶାରେ ଚିତ୍ରକୁ ନେଇ ଜୀବିକା କରି ବଞ୍ଚିବା ସହଜ ତ ନୁହେଁ କିନ୍ତୁ ଜଣେ ଶିଳ୍ପୀ ଚାହିଁଲେ ନିଜର ପରିଶ୍ରମ ଏବଂ ନିଜର ସୃଜନଶୀଳତା ମାଧ୍ୟମରେ ସହଜ କରିପାରିବ । ନିଜର ଲକ୍ଷ୍ୟ ସମ୍ପର୍କରେ ସେ କୁହନ୍ତି ,''ପ୍ରଥମ ଲକ୍ଷ୍ୟ ମା'ଙ୍କୁ ଜୀବନ ଯାକ ଖୁସିରେ ରଖିବା, ଦ୍ୱିତୀୟରେ ନିଜକୁ ଜଣେ ଭଲ ମଣିଷ ଭାବରେ ଗଢିବା ସଙ୍ଗେ ସଙ୍ଗେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ଭାସ୍କର୍ଯ୍ୟ ଶିଳ୍ପୀ ହେବା ।





ହାଃ ହାଃ

## ପକେଟ୍‌ମାର୍

ଜଣେ ରୋଗୀ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯାଇଥାନ୍ତି।
ଡାକ୍ତର: ଆପଣଙ୍କର ଇନ୍‌ଫେକ୍ସନଜନିତ ରୋଗ ହୋଇଛି। ଭିଡ଼ଭାଡ଼ରୁ ଟିକେ ଦୂରେଇ ରହି ଜଗି ରଖି ଚଳିଲେ ଶୀଘ୍ର ଭଲ ହୋଇଯିବେ।
ରୋଗୀ: କିନ୍ତୁ ଏହା ତ ମୋ ପକ୍ଷେ ସମ୍ଭବ ନୁହେଁ। ସବୁବେଳେ ଭିଡ଼ ଭିତରେ ହିଁ ମୁଁ କାମ କରେ।
ଡାକ୍ତର: ଆପଣ କ'ଣ କାମ କରନ୍ତି କି?
ରୋଗୀ: ପକେଟ୍‌ମାର୍।

## ମଦୁଆ

ପୁଅ ବାପାଙ୍କୁ: ମଦୁଆ କାହାକୁ କୁହନ୍ତି?
ବାପା: ମୁଁ ତତେ ସହଜରେ ବୁଝେଇ ଦେଉଛି ଶୁଣ। ଏଇ ଆଗରେ ରଖାଯାଇଥିବା ଚାରୋଟି କାର୍, ଯାହାକୁ ଆଠଟି ଦେଖାଯିବ ତାକୁ ମଦୁଆ କୁହନ୍ତି।
ପୁଅ: ହେଲେ ବାପା ଆଗରେ ତ ଚାରୋଟି ନୁହେଁ ଦୁଇଟି କାର୍ ରଖା ହେଇଛି।

## ଭିକ

ପତ୍ନୀ ପତିଙ୍କୁ: ଶୁଣୁଛ ! ପ୍ରତି ସୋମବାର ଆମେ ବଜାର, ମଙ୍ଗଳବାର ହୋଟେଲ୍, ବୁଧବାର ବୁଲିବାକୁ, ଗୁରୁରେ ରେଷ୍ଟୁରାଣ୍ଟ, ଶୁକ୍ରରେ ମୁଭି, ଶନିରେ ପିକ୍‌ନିକ୍ ଯିବା।
ପତି: ନିଶ୍ଚୟ। ଆଉ ରବିବାର ଦିନ ମନ୍ଦିର ଯିବା।
ପତ୍ନୀ: କାହିଁକି
ପତି: ଥାଳି ଧରି ଭିକ ମାଗିବାକୁ।

## ଘଣ୍ଟା

ନବବଧୂଟିଏ ଶାଶୁଘରେ ରୋଷେଇ ବହି ପଢି ପ୍ରଥମ କରି ରୋଷଇ କରୁଥାଏ। କିଛି ସମୟ ପରେ ଶାଶୁ ଆସି ଫ୍ରିଜ୍ ଖୋଲି ଆଶ୍ଚର୍ଯ୍ୟ ହୋଇ ବୋହୂକୁ ପଚାରିଲେ– ଆରେ, ଏ କାନ୍ଥ ଘଣ୍ଟାଟା କ'ଣ ଫ୍ରିଜ୍ ଭିତରେ ଥୁଆ ହୋଇଛି।
ବୋହୂ: ବହିରେ ପରା ଲେଖା ହୋଇଥିଲା, ସବୁ ଜିନିଷକୁ ମିଶ୍ରଣ କରି ଏକ ଘଣ୍ଟା ଫ୍ରିଜ୍‌ରେ ରଖିବାକୁ।

# କୃଷ୍ଣପ୍ରସାଦ ଗଡ଼




ଚିଲିକାର ନୀଳଜଳରାଶି ଭିତରେ ରହିଛି ଟାପୁଟିଏ। ସେଇ ଟାପୁ ମଧ୍ୟରେ ଗଢିଉଠିଛି ଏକ ରାଜ ଉଆସ। ଯାହା କୃଷ୍ଣପ୍ରସାଦ ଗଡ଼ ରୂପେ ପରିଚିତ। ଏହି ଗଡ଼ ଅଧୀନରେ ରହିଛି ପାରିକୁଦ –ମାଲୁଦ ଅଞ୍ଚଳ । ଖୋର୍ଦ୍ଧା ଜିଲାର ବାଲୁଗାଁ ଚିଲିକା କୂଳରୁ ଜଳପଥରେ ଡଙ୍ଗାରେ ଏହି ଐତିହାସିକ ରାଜପ୍ରାସାଦକୁ ଆସିହେବ। ପୁଣି ସ୍ଥଳପଥରେ ଗଞ୍ଜାମଜିଲାର ପାଲୁର ଜଙ୍କ୍‌ସନଠାରୁ ମାଲୁଦ ଦେଇ ଏଠାକୁ ଆସିପାରନ୍ତି। କିମ୍ବା ପୁରୀ–ସାତପଡ଼ାରୁ ଜଳପଥରୁ ସ୍ଥଳପଥଦେଇ ଏହି ଗଡ଼କୁ ଆସିହେବ। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଗନ୍ତର୍ଗତ କୃଷ୍ଣପ୍ରସାଦ ଗଡ଼ଟି ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତିରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ। ସେତେବେଳେ ମୋଗଲ ଶାସନ ଚାଲିଥାଏ। ଚିଲିକା ଥିଲା ଖୋର୍ଦ୍ଧା ରାଜାଙ୍କ ଅଧୀନ। ବାଣପୁର ରାଜା ଥିଲେ ହରିସେବକ ମାନସିଂହ। ସେ ଚିଲିକାର ଗୁରୁବାଇଠାରେ ଆସି ରହିଲେ। ଏହି ସମୟରେ ରାଜା ହରିସେବକ ମାନସିଂହଙ୍କୁ ଗଞ୍ଜାମର ନୃସିଂହ ପ୍ରସାଦ ନାମକ ଜଣେ ସେଠ, ନିଜର ଧନସମ୍ପତ୍ତି ସମର୍ପି ଶରଣାପନ୍ନ ହୋଇଥିଲେ। ସମୟକ୍ରମେ ଗଡ଼ର ନାମ ନୃସିଂହ ପ୍ରସାଦ ହୋଇଥିଲା। ଏହା ପରେ ରାଜା ଭାଗୀରଥି ମାନସିଂହଙ୍କ ଶାସନ ଚାଲିଥାଏ। ସେହି ସମୟର ଲୋକକଥାରୁ ଶୁଣିବାକୁ ମିଳେ ସେତେବେଳେ ଗୁରୁବାଇଠାରୁ କିଛି ଦୂରରେ ଥିବା ଏକ କୁଦରେ ବଗପକ୍ଷୀଟି ଗୋଟିଏ ଛଞ୍ଚାଣକୁ ଆକ୍ରମଣ କରି ମାରିଦେଇଥିଲା। ଯାହା ଦେଖିଥିଲେ ଗାଈ ଚରାଳୀ କୃଷ୍ଣ। ସେ ରାଜାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହି ଘଟଣା ଶୁଣି ରାଜା ଭାବିନେଲେ ସେହି ସ୍ଥାନଟି ହେଉଛି ବୀରମାଟି । ସେହି ସ୍ଥାନର ନାଁ ଦେଲେ କୃଷ୍ଣପ୍ରସାଦ। ପରେ ୧୭୯୮ରେ ସେ ଏଠାରେ ଏକ ରାଜପ୍ରାସାଦ ନିର୍ମାଣ କରାଇଥିଲେ। ରାଜପ୍ରାସାଦ ଭିତରେ ତିନୋଟି ବଡ଼ବଡ଼ ଅଗଣା ରହିଛି। ପ୍ରଥମ ଅଗଣାଟି ସିଂହଦ୍ୱାରକୁ ଲାଗିଛି। ତା'ପରେ ପ୍ରଶାସନିକ କୋଠା। ପରେ ଦରବାର ହଲ୍ ରହିଛି। ବାହାର ବାରଣ୍ଡାରେ ଅଭିଷେକ ହୋଇଥାଏ। ଏହି ରାଜବାଟୀର ଦ୍ୱୀତିୟ ମହଲାଟି ଟିକେ ଅଲଗା ରହିଛି। ପ୍ରଥମ ମହଲାର ଖମ୍ବଗୁଡ଼ିକ ପୂରା ଉତ୍କଳୀୟ ଶୈଳୀରେ ତିଆରି ହୋଇଛି। ସେଥିରେ ମଧ୍ୟଯୁଗୀୟ କାରୁକାର୍ଯ୍ୟ ରହିଛି। ମାତ୍ର ଉପର ମହଲା ବିଦେଶୀ ଶୈଳୀରେ ତିଆରି ହୋଇଛି। ଖମ୍ବଗୁଡ଼ିକ ଗ୍ରୀକ ଶୈଳୀରେ ନିର୍ମିତ। ଚଟାଣ ଇଟାଲିଆନ ଟାଇଲ ଓ ବ୍ରିଟେନ ମାର୍ବଲରେ ହୋଇଛି। ବିଭିନ୍ନ ସମୟରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏଠାକୁ ଅତିଥି ହୋଇ ଆସିଛନ୍ତି। ପାରିକୁଦ ଇତିହାସ କୁହେ ଖୋର୍ଦ୍ଧାର ଜଣେ ରାଜା ଗୁରୁବାଇ ଦୁର୍ଗ ଅଧିକାର ନିମନ୍ତେ ବହୁସଂଖ୍ୟକ ସୈନ୍ୟଧରି ଚିଲିକା ଅଭିମୁଖେ ଆସି ଦୂରରୁ ଦେଖନ୍ତି ଚିଲିକାରେ ଦଳଦଳ ହୋଇ ଲକ୍ଷାଧିକ ସଂଖ୍ୟାରେ ଲାଲ ଓ ଧଳା ରଙ୍ଗର ପୋଷାକରେ ଡେଙ୍ଗା ସୈନିକ ଉପସ୍ଥିତ ଅଛନ୍ତି। ପରାଜୟ ଭୟରେ ସେ ବିନା ଯୁଦ୍ଧରେ ଫେରିଯାଇଥିଲେ। ଏଥିଯୋଗୁ ରାଜା ହରିସେବକ ମାନସିଂହ ଆସନ୍ନ ଯୁଦ୍ଧରୁ ରକ୍ଷା ପାଇଥିଲେ। ମାତ୍ର ଲାଲ ଓ ଧଳା ରଙ୍ଗର ଦଳଦଳ ସୈନିକର ଭ୍ରମ ସୃଷ୍ଟି କରିଥିଲେ ଏରାପକ୍ଷୀ। ସେମାନେ ସେତେବେଳେ ଚିଲିକାରେ ଖାଦ୍ୟ ଅନ୍ୱେଷଣରେ ବୁଲୁଥିଲେ। ସେହିପରି କବି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କାଳିଜାଇ କବିତାରେ ବାଣପୁରରୁ ଜାଇ ନାମ୍ନୀ ଏକ ଝିଅ ଶାଶୁଘର ଯିବା ପାଇଁ ବାଲୁଗାଁ ଚିଲିକାରୁ– କୃଷ୍ଣପ୍ରସାଦ ଗଡ଼କୁ ଯାଉଥିବାର କଥାକୁ ବର୍ଣ୍ଣନା ରହିଛି। କୃଷ୍ଣପ୍ରସାଦ ଗଡ଼ ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ଚିଲିକା ମଧ୍ୟରେ ଥିବା ତ୍ରିଶିଖ ପାହାଡ଼ ମଧ୍ୟରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ। ସେଠାରେ ଜାଇ ଠାକୁରାଣୀ ହୋଇ ପୂଜାପାଇଲେ। ଏହି ମନ୍ଦିର ପାରିକୁଦ ରାଜାଙ୍କ ମାର୍ଫତରେ ରହିଛି। ଏହି ଐତିହ୍ୟପୂର୍ଣ୍ଣ ରାଜପ୍ରାସାଦରେ ସମୟକ୍ରମେ ଏକାଧିକ ରାଜା ନିଜର କ୍ଷମତା ଉପଭୋଗ କରିଥିଲେ। ସେମାନେ ହେଲେ– ରାଜା ହରିସେବକ ମାନିସଂହ, ଭାଗୀରଥି ମାନସିଂହ, ବାଲୁଙ୍କେଶ୍ୱର ମାନସିଂହ, ଗୌରଚନ୍ଦ୍ର ମାନସିଂହ, ରାଧାମାଧବ ମାନସିଂହ, କୃଷ୍ଣଚନ୍ଦ୍ର ମାନସିଂହ, ପ୍ରତାପ ଚନ୍ଦ୍ର ମାନସିଂହ, ତାଙ୍କ ପୁତ୍ର ରାଜା ସନ୍ତୋଷ ଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ଅଦ୍ୟାବଧି ସିଂହାସନରେ ଅଛନ୍ତି। ଅବଶ୍ୟ ଏବେ ରାଜା ଶାସନ ନାହିଁ।

**– ବନବିହାରୀ ବେହେରା, କୈଳାସ ପଟ୍ଟନାୟକ**



# ଜଗଦୀଶ ମନ୍ଦିର

**ରାଜସ୍ଥାନର ଉଦୟପୁରରେ ରହିଛି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏକ ମନ୍ଦିର; ଯାହାର ନାଁ ଜଗଦୀଶ ମନ୍ଦିର। ଏହା ଉଦୟପୁରର ଏକ ପ୍ରମୁଖ ସ୍ମାରକ; ଯାହାର ଶାନ୍ତ, ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ...**





ରାଜସ୍ଥାନର ଏକ ଐତିହାସିକ ସହର ହେଉଛି ଉଦୟପୁର ; ଯାହାର ସମୃଦ୍ଧ ସାଂସ୍କୃତିକ ପୃଷ୍ଠଭୂମି ତଥା ଧାର୍ମିକ ମହତ୍ତ୍ୱ ବେଶ୍ ଆପଣାର ଲାଗେ । ଏହି ସହରରେ ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏକ ମନ୍ଦିର ରହିଛି ; ଯାହାର ନାଁ ହେଉଛି ଜଗଦୀଶ ମନ୍ଦିର । ଉକ୍ତ ମନ୍ଦିରର ଆକର୍ଷଣୀୟ ବାସ୍ତୁକଳା ତଥା ଶାନ୍ତ, ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ । ଖାସ୍ ସେଥିପାଇଁ ତ ଟିକେ ଶାନ୍ତି ପାଇବା ଆଶାରେ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି ।

## ମନ୍ଦିରର ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ମହାରାଣା ଜଗତ୍ ସିଂହଙ୍କ ଦ୍ୱାରା ୧୬୫୧ ମସିହାରେ ଜଗଦୀଶ ମନ୍ଦିର ନିର୍ମାଣ କରାଯାଇଥିଲା । ଭଗବାନ ବିଷ୍ଣୁଙ୍କର ନିବାସ ସ୍ଥଳ କୁହାଯାଉଥିବା ଏହି ମନ୍ଦିରର ମାରୁ ଗୁରଜାର୍ ବାସ୍ତୁକଳା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ । ସୂଚନା ରହିଛି ଯେ, ମହାରାଣା ଜଗତ୍ ସିଂହ ଜଗଦୀଶ ମନ୍ଦିରର ସଂରଚନାକୁ ଉନ୍ନତ କରିବା ପାଇଁ ସେ ସମୟରେ କୁଆଡ଼େ ପ୍ରାୟ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ଦେଇଥିଲେ ।


## ମନ୍ଦିରର ଗଠନଶୈଳୀ

ତିନି ତାଲା ବିଶିଷ୍ଟ ଏହି ମନ୍ଦିରଟିକୁ ଏକ ଉଚ୍ଚ ଚଉତରା ଉପରେ ନିର୍ମାଣ କରାଯାଇଛି । ଏହି ମନ୍ଦିରରେ ନିଖୁଣ କାରୁକାର୍ଯ୍ୟବାଲା ଏକାଧିକ ଖମ୍ବ ସାଙ୍ଗକୁ ରହିଛି ରଙ୍ଗବେରଙ୍ଗର ଅନେକ ଚିତ୍ରିତ କବାଟ । ତା'ସାଙ୍ଗକୁ ରହିଛି ଖୁବ୍ ବଡ଼ ବଡ଼ କେତୋଟି ହଲ୍, ଯେଉଁଠାରେ ଭକ୍ତଗଣ ବସି ପ୍ରଭୁଙ୍କର ଗୁଣଗାନ କରିପାରିବେ । ଏଥିସହିତ ଆଗନ୍ତୁକଙ୍କ ସ୍ୱାଗତ ପାଇଁ ମନ୍ଦିରର ପ୍ରବେଶ ଦ୍ୱାରରେ ରହିଥିବା ପଥର ନିର୍ମିତ ହାତୀଙ୍କର ଦୁଇ ବିଶାଳ ମୂର୍ତ୍ତିର ଶୋଭା ବି ବେଶ୍ ଆକର୍ଷକ ଲାଗିଥାଏ । ପ୍ରାୟ ୭୯ ଫୁଟ ଉଚ୍ଚ ବିଶିଷ୍ଟ ଏହି ମନ୍ଦିରର ପ୍ରତି କୋଣ ଅନୁକୋଣରେ ହାତୀ, ଘୋଡ଼ା, ସଙ୍ଗୀତକାର ତଥା ନର୍ତ୍ତକୀଙ୍କର ବିଭିନ୍ନ ଅଙ୍ଗଭଙ୍ଗୀର ମୂର୍ତ୍ତିସବୁ ରହିଥିବା ଦେଖିବାକୁ ମିଳେ । ସେହିପରି ଉକ୍ତ ମନ୍ଦିରର ପ୍ରବେଶ ଦ୍ୱାରରୁ ଗର୍ଭଗୃହକୁ ଯିବା ରାସ୍ତାରେ ଏକ ଗରୁଡ଼ ପ୍ରତୀମା ଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ । ଆଉ ଗର୍ଭଗୃହରେ ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଚତୁଃଭୂଜା ମୂର୍ତ୍ତିଙ୍କୁ ପୂଜା ପାଉଥିବା ଦର୍ଶନ ବି କରିପାରିବେ । ଖୁବ୍ ପ୍ରତ୍ୟେକ୍ଷ ଏହି ଠାକୁର । ମନପ୍ରାଣ ଦେଇ ଭକ୍ତିର ସହକାରେ ତାଙ୍କୁ ସୁମରଣା କଲେ ସେ ଭକ୍ତଙ୍କର ସବୁ ମନୋସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି ।

## ପାର୍ଶ୍ୱ ଦେବା ଦେବୀ

ମନ୍ଦିରର ମୁଖ୍ୟ ଦେବତା ଭାବେ ପ୍ରଭୁ ବିଷ୍ଣୁଙ୍କୁ ଏଠାରେ ପୂଜା କରାଯାଉଥିଲେ ହେଁ, ଉକ୍ତ ମନ୍ଦିର ପରିସରରେ ଭଗବାନ ଶିବ, ପ୍ରଭୁ ଗଣେଶ, ସୂର୍ଯ୍ୟ ଦେବତା ତଥା ଦେବୀ ଶକ୍ତିଙ୍କ ଉପାସନା ପାଇଁ ମଧ୍ୟ ସ୍ୱତନ୍ତ୍ର ମନ୍ଦିରର ସୁବିଧା ବି ଏଠି କରାଯାଇଛି ।







ମନ୍ଦିରର ଶାନ୍ତ, ମନୋରମ ପରିବେଶରେ କିଛି ସମୟ ବସି ପଡିଲେ ମନକୁ ବେଶ୍ ଶାନ୍ତି ଅନୁଭବ ହୋଇଥାଏ । ଖାସ୍ ସେଥିପାଇଁ ଭକ୍ତଗଣଙ୍କର ଏଠାରେ ପ୍ରାୟତଃ ଭିଡ଼ ପରିଲକ୍ଷିତ ହୁଏ ।

## କେବେ ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ବିଭିନ୍ନ ପର୍ବପର୍ବାଣୀ ସମୟରେ ଗଲେ ମନ୍ଦିରର ଅପୂର୍ବ ସାଜସଜ୍ଜା ଆଖି ଝଲସାଇ ଦେଇଥାଏ । ପ୍ରତିଦିନ ସକାଳ ୫ଟାରୁ ଅପରାହ୍ନ ୨.୩୦ ଏବଂ ଅପରାହ୍ନ ୪ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିଥାଏ ।

## କେମିତି ଯିବେ

ଜଗଦୀଶ ମନ୍ଦିର ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି । ମହାରଣା ପ୍ରତାପ ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଉଦୟପୁର ସିଟି ରେଳୱେ ଷ୍ଟେଶନ ହେଉଛି ଏଠାକାର ନିକଟବର୍ତ୍ତୀ ରେଳଷ୍ଟେଶନ । ସେହିପରି ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ବି ଉଦୟପୁରକୁ ଯା'ଆସ କରିଥାଏ । ପର୍ଯ୍ୟଟକ ଚାହିଁଲେ ସେଥିରେ ବି ଆରାମରେ ଯାଇ ଜଗଦୀଶ ମନ୍ଦିର ନିକଟରେ ପହଁଞ୍ଚିପାରିବେ ।

## ଆଉ କ'ଣ ଦେଖିବେ

ଜଗଦୀଶ ମନ୍ଦିର ଦେଖିବା ସହିତ ପର୍ଯ୍ୟଟକ ଚାହିଁଲେ ନିକଟସ୍ଥ ସିଟି ପ୍ୟାଲେସ୍, ଲେକ୍ ପ୍ୟାଲେସ୍, ଜାଗ୍ ମନ୍ଦିର, କେସରିୟାଜି ମନ୍ଦିର, ଫତେହ ସାଗର ଲେକ୍, ଲେକ୍ ପିଛୋଲା ଆଦି ଦର୍ଶନୀୟ ସ୍ଥାନ ବି ବୁଲି ଦେଖିପାରିବେ ।

# ଚାରି ଚକିଆ ବାଇକ୍‌ର ତିନି କୋଣିଆ ଚକ



ମଣିଷ ନିଜର ଆବଶ୍ୟକତା ପୂରଣ ପାଇଁ ବିଭିନ୍ନ ଜିନିଷର ଉଦ୍ଭାବନ କରିଆସିଛି। ତନ୍ମଧ୍ୟରେ ଚକ ଏକ ପ୍ରମୁଖ ଉଦ୍ଭାବନ। ଯାହାର ଆକାର ପ୍ରାରମ୍ଭରୁ ହିଁ ଗୋଲାକାର। ଫଳରେ ଏହାକୁ ବ୍ୟବହାର କରି ତିଆରି କରାଯାଉଥିବା ଗାଡି ବେଶ୍ ଭଲଭାବେ ଭୂମି ଉପରେ ଗଡ଼ି ଗଡ଼ି ଆଗକୁ ଯାଇପାରେ। ଆଜି ନାନା ପ୍ରକାରର ବାହନ ତିଆରି ହୋଇଛି। ଆଉ ଏବେବି ସବୁ ବାହନର ଚକ ଗୋଲାକାର ହିଁ କରାଯାଉଛି। ହେଲେ ମଣିଷର ମନ ସବୁବେଳେ କିଛି ଭିନ୍ନ କରିବାକୁ ଚାହେଁ। ଏଇ ଯେମିତି ୟୁଟ୍ୟୁବର୍ ହ୍ୱିସ୍‌ଲିନ୍ ଡିଜଲ। ସେ ଏକ ଭିନ୍ନ ପ୍ରୟୋଗ କରି ଏକ ଚାରି ଚକିଆ ବାଇକ୍‌ରେ ଗୋଲାକାର ଚକ ବଦଳରେ ତିନିକୋଣିଆ ଚକ ଲଗାଇଛନ୍ତି। ଭାବୁଥିବେ ଏଭଳି ଚକ ଲଗାଇବା ପରେ ବାଇକ୍‌ଟି ଟିକେ ବି ଆଗକୁ ଗଡୁ ନ ଥିବ। ହେଲେ ସେ ପୋଷ୍ଟ କରିଥିବା ଭିଡ଼ିଓରୁ ଦେଖିବାକୁ ମିଳେ ତାହା ଖୁବ୍ ଦ୍ରୁତ ବେଗରେ ଚାଲୁଛି, ଯାହାକି ସମସ୍ତଙ୍କୁ ଚକିତ କରିଦେଉଛି। ଭିଡ଼ିଓରେ ପ୍ରଥମେ ଯେବେ ଡିଜଲ୍ ବାଇକ୍‌କୁ ଚଳାଉଛନ୍ତି ଟିକେ ଅଟକିବା ଭଳି ହେଉଛି। ହେଲେ ଯେବେ ସେ କିଛିଟା ଜୋର୍ ଲଗାଉଛନ୍ତି, ତାହା ବେଗ ଧରୁଛି। ଆଉ ଆଶ୍ଚର୍ଯ୍ୟଜନକ ଭାବେ ସାଧାରଣ ଗୋଲାକାର ଚକ ଭଳି ଗଡୁଛି। ଆଉ ବାଇକ୍‌ଟି ଆଗକୁ ଆଗକୁ ଯାଉଛି। ଏମିତିକି ଭିନ୍ନ ଭିନ୍ନ ପ୍ରକାରର ଭୂମି ଯେମିତିକି ବିସ୍ତୃତ ଖୋଲା ପଡ଼ିଆ, କାଦୁଅ ସ୍ଥାନ, ପାଣି ଥିବା ସ୍ଥାନରେ ବି ଭଲରେ ଗଡି ଗଡି ଯାଉଥିବା ଦେଖିବାକୁ ମିଳେ, ଯାହାକି ସମସ୍ତଙ୍କୁ ଚକିତ କରୁଛି।



# ଇମୋଜି



**ଡିଜିଟାଲ ମିଡିଆ ଯୁଗରେ ଅଧିକାଂଶ ବ୍ୟକ୍ତି ଫୋନ୍‌ରେ କଥା ହେବା ଅପେକ୍ଷା ଚାଟିଂ ମାଧ୍ୟମରେ ଭାବର ଆଦାନପ୍ରଦାନ କରିବାକୁ ବେଶି ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ସେହିପରି ଚାଟିଂ ପାଇଁ ବି ସେମାନେ ଶବ୍ଦ ତୁଳନାରେ ଇମୋଜିର ବ୍ୟବହାର ଅଧିକ କରୁଛନ୍ତି। କାରଣ ଶବ୍ଦ ଅପେକ୍ଷା ଇମୋଜି ଜଣେ ବ୍ୟକ୍ତିଙ୍କର ଭାବନାକୁ ଆଉ ଟିକେ ଉତ୍ତମ ଢଙ୍ଗରେ ତା' ପ୍ରିୟଜନଙ୍କ ପାଖରେ ପହଞ୍ଚାଇଥାଏ। ତେବେ ଏହି ଇମୋଜିର ବ୍ୟବହାର ସର୍ବପ୍ରଥମେ କିଏ କରିଥିଲେ? ଏହାକୁ ଇମୋଜି ବୋଲି ହିଁ କାହିଁକି କୁହାଯାଏ? ଏହାର ଇତିହାସ କ'ଣ, ଜାଣନ୍ତୁ ଏମିତି ଅନେକ ପ୍ରଶ୍ନର ଉତ୍ତର ସମ୍ପର୍କରେ...**





ବିନା ଶବ୍ଦର ବ୍ୟବହାରରେ, କାହାର ଭାବନା ତଥା ବିଚାରକୁ ବ୍ୟକ୍ତ କରିବାର ଏକ ମଜାଦାର ତଥା ସରଳ ମାଧ୍ୟମ ହେଉଛି ଇମୋଜି। କିଛି ରିପୋର୍ଟ ମୁତାବକ, ୧୯୯୦ ମସିହାରୁ ଜାପାନରେ ଇମୋଜିର ବ୍ୟବହାରକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଥିଲା। କାରଣ ସେ ସମୟରେ ଶିଗେତାକା କୁରିତା ନାମକ ଜଣେ ବ୍ୟକ୍ତି ଶବ୍ଦ ପରିବର୍ତ୍ତେ ଛବି ବା ଚିତ୍ର ମାଧ୍ୟମରେ କେମିତି ଭାବର ଆଦାନପ୍ରଦାନ କରିହେବ ସେ ନେଇ ଗବେଷଣା କରିବା ଆରମ୍ଭ କରି ଦେଇଥିଲେ। ୧୯୯୯ରେ ସେ ପ୍ରାୟ ୧୭୬ଟି ଇମୋଜିର ଏକ ସେଟ୍ ତିଆରି କରିବାରେ ସଫଳତା ହାସଲ କଲେ ଆଉ ତାହାକୁ ଆଇ ମୋଡ୍ ନାମକ ମୋବାଇଲ୍ ଇଣ୍ଟରନେଟ୍ ପ୍ଲାଟଫର୍ମରେ ପ୍ରଥମେ ବ୍ୟବହାର କରିବାକୁ ଲାଗିଲେ। ଧୀରେ ଧୀରେ ଏହି କନ୍‌ସେପ୍ଟକୁ ଅନ୍ୟମାନେ ବି ପସନ୍ଦ କଲେ। ଯଦ୍ୱାରା ଇମୋଜିର ବ୍ୟବହାର ପରିବ୍ୟାପ୍ତ ହେବାକୁ ଲାଗିଲା। ୨୦୧୦ରେ ୟୁନିକୋଡ୍ ଇମୋଜିକୁ ୟୁନିକୋଡ୍ ଷ୍ଟାଣ୍ଡାର୍ଡରେ ଏନକୋଡିଂ କରିବା ପରେ ଏହା ସାରା ବିଶ୍ୱରେ ଲୋକପ୍ରିୟତା ପାଇବାକୁ ଲାଗିଲା। କିନ୍ତୁ ଆଉ କିଛି ରିପୋର୍ଟ କହେ ଯେ, ୧୯୯୦ ମସିହା ପୂର୍ବରୁ ବି ଶବ୍ଦ ପରିବର୍ତ୍ତେ ଛବି ବ୍ୟବହାର କରି ଭାବର ଆଦାନପ୍ରଦାନ କରିବାକୁ ଅନ୍ୟ କେତେଜଣ ବ୍ୟକ୍ତିବିଶେଷ ବି ଚେଷ୍ଟା କରିଥିଲେ। କିନ୍ତୁ ଶେଷରେ ଶିଗେତାକା କୁରିତା ହିଁ ଏଥିରେ ବିଶେଷ ସଫଳତା ହାସଲ କରିପାରିଥିଲେ। ସେ ଜାପାନୀ ଶବ୍ଦ 'ଇ' ଅର୍ଥ 'ପିକ୍‌ଚର୍' ଏବଂ 'ମୋଜି' ଅର୍ଥ 'କ୍ୟାରେକ୍ଟର'କୁ ନେଇ ଏହାର ନାମ ରଖିଲେ 'ଇମୋଜି'।

**ବିଶ୍ୱ ଇମୋଜି ଦିବସ**

ପ୍ରତି ବର୍ଷ ଜୁଲାଇ ୧୭ ତାରିଖରେ ବିଶ୍ୱ ଇମୋଜି ଦିବସ ପାଳନ କରାଯାଇଥାଏ। ୨୦୧୪ ମସିହାରୁ ଏହା ପାଳିତ ହୋଇ ଆସୁଥିବା ସୂଚନା ରହିଛି। ଏହାକୁ ଜେରେମୀ ବର୍ଜ ନାମକ ଜଣେ ବ୍ୟକ୍ତି ଆରମ୍ଭ କରିଥିବା ତଥ୍ୟ ରହିଛି ; ଯିଏକି ହେଉଛନ୍ତି ଇମୋଜିପିଡିଆର ଫାଉଣ୍ଡର। ଇମୋଜିପିଡିଆ ହେଉଛି ଇମୋଜିର ବହୁବିଧ ତଥ୍ୟକୁ ନେଇ ପ୍ରସ୍ତୁତ ଏକ ରେଫରେନ୍ସ ୱେବ୍‌ସାଇଡ୍। ସେଥିପାଇଁ ୨୦୧୪ରୁ ପ୍ରତିବର୍ଷ ଜୁଲାଇ ୧୭ ତାରିଖକୁ ବିଶ୍ୱ ଇମୋଜି ଦିବସ ଭାବେ ସାରା ବିଶ୍ୱ ପାଳନ କରୁଛି।

**ଇମୋଜିକୁ ନେଇ କିଛି ରୋଚକ କଥା**

✲ 'ଫେସ୍ ଉଇଥ୍ ଟିୟର୍ସ ଅଫ୍ ଜଏ' ଇମୋଜି ହେଉଛି ସବୁଠାରୁ ଅଧିକ ବ୍ୟବହାର କରାଯାଉଥିବା ଲୋକପ୍ରିୟ ଇମୋଜି।

✲ ଅଧିକାଂଶ ଇମୋଜିର ରଙ୍ଗ ହଳଦିଆ ଏଇଥିପାଇଁ ହୋଇଥାଏ, କାରଣ ହଳଦିଆ ରଙ୍ଗ ହେଉଛି ଖୁସିର ପ୍ରତୀକ। ତେଣୁ ଏହି ରଙ୍ଗର ଇମୋଜିକୁ ଦେଖିଲେ କିଛିଟା ମାନସିକ ଶାନ୍ତି ମିଳିଥାଏ। ଏଥିପାଇଁ ପ୍ରାୟତଃ ଇମୋଜିର ରଙ୍ଗ ହଳଦିଆ ହୋଇଥାଏ ବୋଲି ତଥ୍ୟ ରହିଛି।



# ମୁଁ ତ ନିମିତ୍ତ ମାତ୍ର



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଭୂମିଠାରୁ ଭୁମା ପର୍ଯ୍ୟନ୍ତ ସବୁ ବାଣ୍ଟିଲା ପରେ ମଣିଷ ଭଗବାନ୍‌ଙ୍କୁ ମଧ ବାଣ୍ଟିଦେଲା । ଏଥିରେ ତା'ର ଅର୍‌ମାନ ପୂରା ନ ହେଲା ପରେ ହରଙ୍କୁ ହରି ସହ, ଗୋଲ ଟୋପିକୁ ଲମ୍ବା ଟୋପି ସହ, ପ୍ରୋଟେଷ୍ଟାଣ୍ଟକୁ କ୍ୟାଥ୍‌ଲିକ ସହ ଲଢେଇ କରି ଭଗବାନଙ୍କୁ ଆହୁରି ଖଣ୍ଡ ଖଣ୍ଡ କରି ବାଣ୍ଟିଲା । ମଜା କଥା ହେଲା, ଏ ସବୁ ପଛରେ ଯେ ଭଗବାନ୍‌ଙ୍କ ସମ୍ମତି ଅଛି ତାକୁ ଅତି ଚତୁର ଢଙ୍ଗରେ ବୁଝେଇବି ଦେଲା । ନିଜ ଦୋଷକୁ ଅନ୍ୟ ମୁଣ୍ଡରେ ଥୋଇ ନିଜକୁ ନିରୀହ ପ୍ରମାଣ କରିବାର କଳାଟି ମଣିଷର କ୍ରମବିକାଶରେ ସବୁଠୁ ବେଶି ବିକଶିତ ହୋଇଥିବା ଭଳି ଜଣାପଡେ । ଆଉ ଏହି ଦୋଷ ଲଦିବା ପାଇଁ ସବୁଠୁ ସହଜ ଓ ନିରୀହ ଲୋକର କାନ୍ଧ ଦରକାର ପଡେ । କେଉଁ ଆବହମାନ କାଳରୁ ଭଗବାନ ଏହି କାନ୍ଧଦାନ କାର୍ଯ୍ୟଟି ବିନା ଦ୍ୱିଧାରେ ତୁଲେଇ ଆସୁଛନ୍ତି । ଭଗବାନଙ୍କୁ ଆଡୁଆଳ କରି ମଣିଷ ନିଜର ଯାବତୀୟ ସ୍ୱାର୍ଥକୁ ଚରିତାର୍ଥ କରିପାରୁଛି । ଭଗବାନ୍‌ଙ୍କ ଏହି ଅସହାୟତାକୁ ଦେଖିଲେ ଲାଗୁଛି ସର୍ବଶକ୍ତିମାନ ବୋଲାଉଥିବା ଭଗବାନ୍ କିନ୍ତୁ ବୁଦ୍ଧିରେ ମଣିଷଠାରୁ ସହସ୍ର ଯୋଜନ ପଛରେ । ମଣିଷ ଯୁଗେ ଯୁଗେ ଭଗବାନ୍‌ଙ୍କୁ ନିଜ ଅଭିଷ୍ଟ ସିଦ୍ଧିରେ ବ୍ୟବହାର କରୁଛି । ଭଗବାନ୍‌ଙ୍କ ଇଚ୍ଛାର ଲାଙ୍ଗୁଡ଼ ଧରି ନିଜର ଯାବତୀୟ କେଳେଙ୍କାରୀରୁ ଖସିଯିବାର ସତେ ଅବା ଦିବ୍ୟ ପରମିଟ୍ ଖଣ୍ଡେ ସେ ପାଇଛି । ଅନ୍ୟାୟ ହେଉଥିବା ଜାଣି ମଧ ନିଜ ଆଖିରେ ପଟି ବାନ୍ଧି ନିଜ ସମ୍ମୁଖରେ ଶତ ପୁତ୍ରଙ୍କ ହତ୍ୟା ଦେଖିଥିବା ମା' ଗାନ୍ଧାରୀଙ୍କ ଦୁଃଖ ଭଳି ନିଜ ହସ୍ତରେ ଅତି ଯତ୍ନରେ ଗଢିଥିବା ବିପଥଗାମୀ ଏହି ମାନବ ସମାଜର ଧ୍ୱଂସକୁ ଅସହାୟ ଭାବେ ଆବଦ୍ଧ ମନ୍ଦିର ଭିତରୁ ଦେଖୁଥିବା ଭଗବାନ୍‌ଙ୍କ ଦୁଃଖ କେବଳ ତାଙ୍କୁ ହିଁ ଜଣା ।

ଭଗବାନ୍‌ଙ୍କ ଲୀଳା ମଧ ବଡ଼ ବିଚିତ୍ର । ସ୍ୱର୍ଗରେ ଥାଇ ବେଶ୍ କିଛି ଲୀଳା କରି ବୋର୍ ହେଲା ପରେ ଏବେ ମର୍ତ୍ତ୍ୟକୁ ଆସି ମଣିଷମାନଙ୍କ ଭିତରେ ମାନବୀୟ ଲୀଳା କରୁଛନ୍ତି । ବିଚରା ନିରୀହ ପ୍ରଭୁ କ'ଣ ଜାଣିଥିଲେ ମାନବଙ୍କ ଏରିଆକୁ ଆସି ଲୀଳା କରିବା ତାଙ୍କ ପାଇଁ ଓଲଟ କିଳା ସାବ୍ୟସ୍ତ ହେବ। ଚତୁର ମଣିଷ କେଉଁ ଛାଡିବା ଜନ୍ତୁ । ଏବେ ମଣିଷ କହିଲେଣି ତୁମେ ଆମ ଏରିଆକୁ ଆସି ଲୀଳାଖେଳା କଲେ ଆମେ ବି ତୁମ ଏରିଆରେ ଧସେଇ ପଶିବୁ । ଏବେ ମାନବୀୟ ଲୀଳା କରୁଥିବା ପ୍ରଭୁ ମାନବମାନଙ୍କ ଈଶ୍ୱରୀୟ ଲୀଳା ଦେଖି ତଟସ୍ଥ । ପ୍ରଭୁଙ୍କ ଲୀଳା ଯେଉଁଠି ସରିଛି ଏ ବାବାମାନଙ୍କ ଲୀଳା ସେଇଠୁ ଆଉ ଦୁଇପାଦ ଆଗରେ । ସ୍ୱୟଂ ଲୀଳାଧାରୀଙ୍କ ସବୁ ଲୀଳା ୟା'ଙ୍କ ଆଗରେ ଫେଲ । ପ୍ରଭୁ କରିବେ ବା କ'ଣ । ତାଙ୍କର ଏବେ ସାପକୁ ପାଟିରେ ପୂରେଇଲା ଭଳି ଅବସ୍ଥା । ନା କାଢି ପାରୁଛନ୍ତି ନା ଗିଳି ପାରୁଛନ୍ତି ।

ନିଜେ ସ୍ୱୟଂ ପ୍ରଭୁ ଅବତାରରେ ଥାଇ ଏମିତି କେତେକ'ଣ ଲୀଳା କରିଛନ୍ତି। ଯାହାକୁ ଆଜି ପ୍ରମାଣ କରିବା ଅସମ୍ଭବ । ଆଉ ତାକୁ ଆୟୁଧ କରି ଖସିଯିବାର ଗୋଟେ ସୁଗମ ରାସ୍ତାଟିଏ ମଣିଷ ପାଇଛି।

ଥରେ ଜଣେ ବାବାଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଟିକସବାଲା ଯାଇ ପହଞ୍ଚିଲେ । ବାବା କହିଲେ, ମୋ ଆଶ୍ରମର ସିମେଣ୍ଟ ଗାଈ ଦିନକୁ ଶହେ ଲିଟର କ୍ଷୀର ଦେଉଛି ଏ ସବୁ ସେଇ କ୍ଷୀର ବିକ୍ରିର ଧନ । ଟିକସବାଲା କହିଲେ, ଏହା ତ ବିଜ୍ଞାନ ସମ୍ମତ ନୁହେଁ । ବାବା କହିଲେ, ପାଣିରେ ଭାସୁଥିବା ବୀର୍ଯ୍ୟକୁ ଗିଳି ମାଛ ଗର୍ଭରୁ ମଣିଷ ଛୁଆ ଜନ୍ମ ହେଲା ବୋଲି ଯଦି ବିଶ୍ୱାସ କରୁଛ ତେବେ ମୋତେ କାହିଁକି ଅବିଶ୍ୱାସ କରୁଛ । ପାଦ ସ୍ପର୍ଶରେ ଯଦି ପଥର ଭିତରୁ ନାରୀ ବାହାରିପାରିଲା ତେବେ ସିମେଣ୍ଟ ଗାଈରୁ କାହିଁକି କ୍ଷୀର ବାହାରିବ ନାହିଁ । ଈଶ୍ୱର ତାଙ୍କ ମାନବୀୟ ଲୀଳା କଲେ ତାହା ଅଲୌକିକ ଆଉ ମାନବମାନେ ଈଶ୍ୱରୀୟ ଲୀଳା କଲେ କାହିଁକି ବିଜ୍ଞାନର ସମ୍ମତି ଖୋଜୁଛ । ଯାହା ଈଶ୍ୱରଙ୍କ ସାମର୍ଥ୍ୟ ବାହାରେ ତାହା ଆମ ବାଁ ହାତର ଖେଳ । ଈଶ୍ୱରଙ୍କ ପାଖରେ ଅଧିଆ ପଡି ନିରାଶ ହେଲା ପରେ ଲୋକେ ଆମ ଶରଣକୁ ଆସୁଛନ୍ତି । ପ୍ରମାଣ ଚାହୁଁଛ ଯଦି ଦେଖ ଗୋଟିଏ ଫୋନରେ ତୁମ ଉପର ଅଫିସର ଆସି ଏଇଠି ତୁମ ପ୍ରମୋଶନ ଫାଇଲରେ ଦସ୍ତଖତ କରିକି ଯିବେ । ଏବେ କୁହ ଈଶ୍ୱରଙ୍କ ଲୀଳା ନା ଆମ ଲୀଳା କେଉଁଟା ବେଶି ବିଶ୍ୱାସଯୋଗ୍ୟ । ଏହା ପରେ ବି ତୁମକୁ ଆହୁରି ବିଜ୍ଞାନର ସମ୍ମତି ଦରକାର ହେଉଛି!!

ଯିଏ ଯାହା କଲା, ଯେଉଁଠି ଯାହା ଘଟିଲା ସବୁ ତାଙ୍କରି ନିର୍ଦ୍ଦେଶରେ ହେଉଛି ଓ ତାଙ୍କ ନିର୍ଦ୍ଦେଶ ବିନା ଗଛର ପତ୍ରବି ହଲିବ ନାହିଁ ଭଳି ଦୋଷଛଡା ଉପାୟ ଏ ଯୁଗର ଶ୍ରେଷ୍ଠ ଗଳା ବାଟରୁ ଗୋଟିଏ। ପ୍ରଭୁଙ୍କ ଅବସ୍ଥା 'ଜାଣ ନା ଖାୟା ନ ପିଆ ଗ୍ଲାସ ତୋଡା ବାରଆନା' ଭଳି। ପ୍ରଭୁ କହୁଛନ୍ତି, 'ରଥରେ ବସେଇ ପାଟ ଦଉଡିରେ ମୋତେ ଏମିତି ବାନ୍ଧିଦେଇଛ ଯେ ଟିକେ ହଲିବାକୁ ଜୁ ନାହିଁ । ରଥ ଉପରେ ମୋ ସାମ୍ନାରେ ଏମିତି ଭିଡ଼ କରୁଛ ଯେ, କିଏ ଆଇଲା କିଏ ଗଲା ମୁଁ ଦେଖିପାରୁନି । ରଥରୁ ଓହ୍ଲେଇ ଶରଧା ବାଲିରେ ମେଳା ଦେଖିବାକୁ କାଳେ ଚାଲିଯିବି ସେଥିପାଇଁ ରଥରୁ ଚାର ମାଳ ଖୋଲିଦେଇଛ। ରଥରେ ମୋ ବାମନ ରୂପ ଦେଖି ଜୀବନବ୍ୟାପୀ ଯାବତୀୟ ପାପରୁ ମୁକ୍ତି ପାଇବାକୁ ଦଳାଚକଟାରେ ତୁମେ ମରିବ। ଏଥିରେ ନା ଲୋକଙ୍କ ଦୋଷ ନା ବ୍ୟବସ୍ଥାର, ସବୁ କାଳେ ମୋ ଇଚ୍ଛାରେ ହେଉଛି କହି ଖସି ଯାଉଛ । ସବୁ ପାପକର୍ମକୁ ମୋ ମୁଣ୍ଡରେ ଲଦି ଦେଇ ନିଜେ ଝାଡ଼ି ଝୁଡ଼ି ହୋଇ ସୁଧାର ପିଲା ଭଳି ବୁଲୁଛ। ମୁଁ ସେଇ ଯିଏ ତୁମ ହାତରୁ ନଡ଼ିଆ ନେବାକୁ ସ୍ୱୟଂ ମନ୍ଦିର ବାହାରକୁ ଆସିଥିଲି । ଭୋକିଲା ବନ୍ଧୁଙ୍କ ପାଇଁ ସୁନା ଥାଳିରେ ଖାଦ୍ୟ ନେଇ ତାଙ୍କ ଘରେ ଦେବାକୁ ଯାଇଥିଲି । ତୁମ ମାନ ରଖିବାକୁ ନିଜେ ଘୋଡ଼ା ଚଢି ତୁମ ଆଗେ ଆଗେ ଯୁଦ୍ଧ କରିବାକୁ ଯାଇଥିଲି। ସବୁ ଏମିତି ଭୁଲିଗଲେ ହେବ କି? ଆଉ ଏବେ ଯଦି ଭିଡରେ ଖଣ୍ଡିଆ



ଖାବରା ହେଲା ପରେ ବି ମୋ ଦର୍ଶନ ପାଉନ ତେବେ ଏଥିରେ ମୋର କି ଦୋଷ ବରଂ ତୁମ ଭକ୍ତିରେ ଦୋଷ ଅଛି ବୋଲି ଭାବ । ଏକ ମନ ଏକ ଚିତ୍ତରେ ମୋତେ ଭକ୍ତି କରିଥିଲେ ମୁଁ ପରା ସ୍ୱୟଂ ଯାଇ ତୁମ ଘରେ ତୁମକୁ ଦେଖା କରି ଆସିଥାନ୍ତି । ଆଉ କେତେଦିନ ମୋ କାନ୍ଧରେ ବନ୍ଧୁକ ରଖି ଏମିତି ଫୁଟାଉଥିବ । ଦୋଷ କରିବ ତୁମେ ତାକୁ ମୁଣ୍ଡେଇବି ମୁଁ । ଛି, ଛି କି କଥା ଏଗୁଡ଼ାକ ।

ବିଶ୍ୱର ସବୁଆଡେ ଭଗବାନଙ୍କ ଦୟନୀୟ ସ୍ଥିତି ପ୍ରାୟ ସମାନ । କେଉଁଠି ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ମାରି କହୁଛନ୍ତି ଆମେ ସବୁ ଜେହାଦି। ଆଲ୍ଲାଙ୍କ ନିର୍ଦ୍ଦେଶରେ ତାଙ୍କ ଦୂତ ଭାବେ କାମ କରୁଛୁ । ଯୁଦ୍ଧପିପାସୁ ରାଷ୍ଟ୍ର ନେତା ହଜାର ହଜାର ଜନତାଙ୍କୁ ମାରି କହୁଛନ୍ତି, 'ଇଟ୍ସ ଗଡ୍ସ ଉଇଲ' । ଏ ସବୁ ତାଙ୍କରି ଇଚ୍ଛା ଓ ତାଙ୍କରି ଲୀଳା ବୋଲି ଈଶ୍ୱରଙ୍କ ଉପରେ ଦୋଷ ଲଦିଦେଇ ନିଜକୁ ଦୁଗ୍ଧଧୋବନ ପରି ଶୁଦ୍ଧ କରିଦେବାର ଏହି ସୂକ୍ଷ୍ମକୌଶଳ ପ୍ରାୟ ସବୁ ଧର୍ମର ଲୋକଙ୍କୁ ବେଶ୍ ଜଣା ।


କୁରୁକ୍ଷେତ୍ରରେ କେଉଁ ଏକ ଭାବପ୍ରବଣ ମୁହୂର୍ତ୍ତରେ ଅର୍ଜୁନଙ୍କ ସାମ୍ନାରେ ନିଜର ବଡିମା ଦେଖେଇବାକୁ ଯାଇ ପ୍ରଭୁ କହିଦେଇଥିଲେ 'କରି କରାଉ ଥାଏ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ ।' ସବୁରି ମୂଳରେ ମୁଁ ମୋ ଭିତରେ ସବୁ ।' ବିଚରା ଚକ୍ରଧାରୀ କ'ଣ ଜାଣିଥିଲେ ଯେ ଏଇ କଥା ପାଇଁ ଦିନେ ଚତୁର ମଣିଷ ତାଙ୍କୁ ଚକ୍ରବ୍ୟୂହ ଭିତରେ ଫସେଇଦେବେ । ଏବେ ପ୍ରଭୁ ପସ୍ତେଇଲା ବେଳକୁ ନେଡି ଗୁଡ଼ କହୁଣିକୁ ବୋହିଗଲାଣି । ବିଷଣ୍ଣ ପ୍ରଭୁ ଏବେ ଭାବୁଛନ୍ତି କେଉଁ ଯୁଗରେ କ'ଣ କରିଥିଲି କେଜାଣି କଳି ଯୁଗରେ ମର୍ତ୍ତ୍ୟକୁ ଆସି ମାନବୀୟ ଲୀଳା କରିବାକୁ ମନ ହମ ହମ ହେଲା । ଆଜି ମାନବମାନଙ୍କ ଅପୂର୍ବ ଈଶ୍ୱରୀୟ ଲୀଳା ଦେଖି ତଟସ୍ଥ ପ୍ରଭୁ କହିଲେଣି, ହେ ସର୍ବଜ୍ଞ, ସର୍ବବ୍ୟାପୀ ଚତୁର ମାନବ ମୋତେ କ୍ଷମା କରିଦିଅ । ଏ ବ୍ରହ୍ମାଣ୍ଡର ଯାବତୀୟ ଦୃଶ୍ୟ, ଅଦୃଶ୍ୟ, ଲୀଳା, ଖେଳା ଓ କିଳା ସବୁ ତୁମରି ଇଚ୍ଛାରେ ପରିଚାଳିତ, ମୁଁ ତ ନିମିତ୍ତମାତ୍ର ।

-ବନମାଳୀ ଭବନ, ଖାନ୍‌ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ମଣିମାଙ୍କ କରାମତି

**ଶ୍ରୀ ଶକ୍ତିଶଙ୍କର ମିଶ୍ର, ପ୍ରକାଶକ- ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ମୂଲ୍ୟ-୧୦୦ଟଙ୍କା**




ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ଆରାଧ୍ୟ ଦେବତା। ସେ ଦିଅଁ ଯେପରି, ତାଙ୍କ ମହିମା ମଧ ସେହିପରି। ମହିମାମଣ୍ଡିତ କାଳିଆ ସାଆନ୍ତଙ୍କ କେତୋଟି ମହିମାର ସମାହାରରେ ପୁଷ୍ଟ ପୁସ୍ତକ 'ମଣିମାଙ୍କ କରାମତି'। ମୋଟ ୨୨ଟି ଅନନ୍ୟ ଅନୁଭୂତି ଏଥିରେ ସ୍ଥାନ ପାଇଛି। ଭାଷା ବିନ୍ୟାସ, ସରଳ ଓ ସାବଲୀଳ ଉପସ୍ଥାପନା ତଥା ପୁରୀରେ ପ୍ରଚଳିତ ନିଚ୍ଛକ ଭାଷାର ଅବତାରଣା ସନ୍ନିବେଶିତ ପ୍ରସଙ୍ଗଗୁଡ଼ିକୁ ଜୀବନ୍ତ କରି ତୋଳିଛି। ପୁରାତନ ସମୟରୁ ଆରମ୍ଭ କରି ଚଳିତ ବର୍ଷ କୁମ୍ଭମେଳାରେ ସଂଘଟିତ କାଳିଆ ଠାକୁରଙ୍କ ଲୀଳାର ଅନୁଭୂତିକୁ ଏଥିରେ ଲେଖକ ସ୍ଥାନ ଦେଇଛନ୍ତି। ଜଗନ୍ନାଥଙ୍କ ପ୍ରତି ରହିଥିବା ଭକ୍ତି, ସମର୍ପଣ ପ୍ରତ୍ୟେକ ଅନୁଭୂତିକୁ ରସାଣିତ କରିତୋଳିଛି। ମୋଟାମୋଟି ଭାବେ ଏଥିରେ ସ୍ଥାନିତ ପ୍ରସଙ୍ଗଗୁଡ଼ିକ ମହାପ୍ରଭୁଙ୍କ ପ୍ରତି ଆସ୍ଥାକୁ ପ୍ରକଟ କରିଛି। ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା କରାଯାଏ।

### ଭକ୍ତିଧାରା


**ରଘୁନାଥ ଜେନା**

**ପ୍ରକାଶକ- ପ୍ରଭାଂଶୁ ସାମନ୍ତରାୟ**

**ଦିବ୍ୟଦୂତ ପ୍ରକାଶନୀ**

**ରାଜାବଗିଚା, କଟକ-୯, ମୂଲ୍ୟ- ୨୪୦ଟଙ୍କା**

'ଭକ୍ତିଧାରା' ରଘୁନାଥ ଜେନାଙ୍କ ପୁସ୍ତକ। ଏଥିରେ ୨୦ଟି ବିଷୟ ରହିଛି। ପ୍ରଥମେ ଦାନବୀର ଭକ୍ତ ବଳିଠାରୁ ଆରମ୍ଭକରି ସନ୍ଥ ହାଡିଦାସଙ୍କ ଯାଏ ଆଧାତ୍ମିକ ଭାବଧାରା ସମ୍ବଳିତ ଜୀବନୀମୂଳକ ଲେଖା ସ୍ଥାନ ପାଇଛି। ବସ୍ତୁବାଦୀ ସଭ୍ୟତାରେ ମଣିଷ ଆଜି ପଥହରା। ସ୍ଥିର କରିପାରୁନି ତା' ଜୀବନର ଲକ୍ଷ୍ୟ କ'ଣ। ତା'ର ପ୍ରକୃତ କର୍ତ୍ତବ୍ୟ ବା କର୍ମ କ'ଣ। ସବୁ ଜାଣି ମଧ ମଣିଷ ତା'ର କର୍ମ ଠିକ୍ କରୁ ନାହିଁ। ଫଳରେ ସମାଜରେ ବିଭିନ୍ନ ସମୟରେ ଘଟୁଛି ବିଶୃଙ୍ଖଳା। ସେଥିପାଇଁ ଆମକୁ ବିଭିନ୍ନ




ସମୟରେ ମହାପୁରୁଷମାନଙ୍କର ପୁସ୍ତକ ବା ବାଣୀ ପାଠ କରିବାର ଆବଶ୍ୟକତା ରହିଛି। ସେଥିରୁ ରଘୁନାଥ ଜେନା ପୁସ୍ତକ ଅନ୍ୟତମ। ଧରାପୃଷ୍ଠରେ ଜନ୍ମ ନେଇଥିବା ଭଗବତ୍ ପ୍ରେମୀ ସନ୍ଥଜନଙ୍କର ଜୀବନାଲେଖ୍ୟ ସରଳ ଓ ସାବଲୀଳ ଭାଷାରେ ଲେଖାଯାଇଛି। ଭକ୍ତିଭାବର ଆକର୍ଷଣକୁ ସୁଦୃଢ କରିବା ନିମିତ୍ତ ଶ୍ରୀମଦ୍ ଭଗବଦ୍‌ଗୀତା, ଶ୍ରୀମଦ୍ ଭାଗବତ, ରାମାୟଣ, ମହାଭାରତ, ତୁଳସୀ ରାମାୟଣ ଓ କଥା ଭାଗବତ୍‌ରେ ଦାର୍ଢ୍ୟତା ଭକ୍ତି ଭଳି ବହୁ ସଦ୍‌ଗ୍ରନ୍ଥର ସହାୟତା ନିଆଯାଇଛି। ପୁସ୍ତକରେ ଯେଉଁସବୁ ସନ୍ଥମାନଙ୍କୁ ଲେଖକ ସ୍ଥାନ ଦେଇଛନ୍ତି ସେମାନେ ମାନବ ସମାଜ ପାଇଁ ପ୍ରେରଣା ଆଉ ଦିଗ୍‌ଦର୍ଶକ । ପୁସ୍ତକଟି ସମସ୍ତ ବର୍ଗର ପାଠକଙ୍କ ଲାଗି ଆଦୃତ ହେବ ଏଥିରେ ସନ୍ଦେହ ନାହିଁ।



## ପ୍ୟାଣ୍ଟ ତଳୁ ବାହାରିଛି ସାପ!

ଏଇ ଫଟୋ ଦେଖି ଲାଗୁଥିବ ସତେ ଯେମିତି ଦୁଇଟି ଅହିରାଜ ସାପ ବ୍ୟକ୍ତିଙ୍କ ଦୁଇ ଗୋଡର ପ୍ୟାଣ୍ଟ ତଳପଟୁ ବାହାରି ଫଣା ଟେକି ରହିଛି। ବେଶ୍ ଭୟଙ୍କର ଲାଗୁଥିବ ଏହି ଦୃଶ୍ୟ। ହେଲେ ଭୟ କରିବାର କିଛି ନାହିଁ। କାରଣ ସତସତିକା ଅହିରାଜ ସାପ ଭଳି ଦେଖା ଯାଉଥିଲେ ହେଁ ଏହା ସତସତିକା ସାପ ନୁହେଁ। ଏହା ଏକପ୍ରକାରର ଜୋତା। ଏହାକୁ ଦେଖି ହିଁ ଭାବି ପାରୁଥିବେ ସତରେ ଫ୍ୟାଶନ ବେଳେବେଳେ କେତେ ଅଜବ ହୋଇପାରେ। ଫ୍ୟାଶନ୍ ନାଁରେ ମଣିଷ କେତେ ଅଜବ ଜିନିଷ ତିଆରି କରେ। ଯଦ୍ୱାରାକି ସେ ସମସ୍ତଙ୍କ ନଜରକୁ ଆସିବ ଓ ସମସ୍ତେ ତା'ଆଡ଼କୁ ଆପେ ଆକର୍ଷିତ ହୋଇଯିବେ। ଏଇ ଯେମିତି ଅବିକଳ କିଙ୍ଗ କୋବ୍ରା ସାପ ଭଳି ଦେଖାଯାଉଥିବା ଜୋତା। ଏହାକୁ ପିନ୍ଧିଲେ ସମସ୍ତଙ୍କ ନଜର ଯେମିତି ବି ହେଉ ଆକର୍ଷିତ ହେବ। ହେଲେ ଦେଖିବା ମାତ୍ରେ ପ୍ରଥମେ ଭୟରେ ଥରିଯିବେ। କାରଣ ଏହା ବେଶ୍ ବାସ୍ତବ ଦେଖାଯାଏ। ଲାଗେ ସତେ ଯେମିତି ଯୋଡା ଅହିରାଜ ଫଣା ଟେକି ଦଂଶିବା ପାଇଁ ପ୍ରସ୍ତୁତ ଅଛି। ସୋସିଆଲ ମିଡ଼ିଆରେ ଏହି ଜୋତାର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି।





# ଡ୍ରାଗନ୍ ଆସୁଛି ସାବଧାନ!

ପାଟିରୁ ନିଆଁ ଓଗାଳୁଥିବା ଡ୍ରାଗନ୍ କଥା ଶୁଣିଥିବେ। ଡାଇନୋସର୍ ପରି ବିରାଟକାୟ ଶରୀର ସାଙ୍ଗକୁ ପାଟିରୁ ବାହାରୁଥିବା ନିଆଁ ବେଶ୍ ଭୟଙ୍କର ଲାଗେ। ଭାବିଲେ ଯଦି ସେମିତି ଏକ ବିରାଟକାୟ ଡ୍ରାଗନ ଆପଣଙ୍କ ସାମ୍ନାକୁ ଆସିଯାଏ କେମିତି ଲାଗିବ ? ଭାବୁଥିବେ ଡ୍ରାଗନ୍ କ'ଣ ସତରେ ଅଛନ୍ତି ଯେ, ସାମ୍ନାକୁ ଆସିବ ? ତେବେ ବିଶ୍ୱାସ ନ ହେଲେ ବି ଜର୍ମାନୀରେ ଅଛି ଏକ ଡ୍ରାଗନ୍। ତେଣୁ ତାକୁ ଦେଖିବା ଓ ତା'ର ଅନୁଭୂତି ପାଇବାକୁ ହେଲେ ସେଠାକୁ ଯାଇପାରିବେ। ଏହି ଡ୍ରାଗନ୍ ଯେବେ ପାଟିରୁ ନିଆଁ ଓଗାଳି ଆଗକୁ ଆଗକୁ ବଢେ ଦେହ ଭୟରେ ଥଣ୍ଡା ହୋଇଯାଏ। ତେବେ ପୁରାପୁରି ବାସ୍ତବ ଲାଗୁଥିବା ଏହି ଡ୍ରାଗନ୍ କିନ୍ତୁ ଅସଲି ନୁହେଁ। ୫୧ ଫୁଟ୍ ୬ ଇଞ୍ଚ ଲମ୍ବ, ୪୦ ଫୁଟ୍ ୫ ଇଞ୍ଚ ଚଉଡା, ୨୬ ଫୁଟ ୧୦ ଇଞ୍ଚ ଉଚ୍ଚତା ଓ ୧୧ ଟନ୍ ଓଜନର ଏହି ଡ୍ରାଗନ୍‌ଟି ଏକ ରୋବୋ ଅଟେ, ଯାହାକୁ ଜୋଲନର୍ ଇଲେକ୍ଟ୍ରୋନିକ ଏଜି ତିଆରି କରିଛନ୍ତି। ଏହାର ନାମ ହେଉଛି 'ଟ୍ରାଡିନୋ'। ଜର୍ମାନୀର ପାରମ୍ପରିକ ଉତ୍ସବ 'ଡ୍ରାକେନଷ୍ଟିଚ୍' ପାଇଁ ଜୋଲନର୍ ଏହାକୁ ତିଆରି କରିଥିଲେ। ପରେ ଏହା ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ଚାଲିପାରୁଥିବା ସବୁଠାରୁ ବଡ଼ ରୋବୋର ମାନ୍ୟତା ପାଇଲା।





# ଚପଲ ପକୁଡ଼ି

ବିଭିନ୍ନ ପ୍ରକାରର ପକୁଡ଼ି ଖାଇଥିବେ। ଏଇ ଯେମିତି ପିଆଜ ପକୁଡି, ଆଳୁ ପକୁଡ଼ି ଆଦି। ଖାସ୍‌କରି ବର୍ଷାଦିନେ ପକୁଡ଼ି ଖାଇବାର ମଜା ଅଲଗା। ହେଲେ ଏଠାରେ ଯେଉଁ ପକୁଡ଼ି କଥା କୁହାଯାଉଛି ତାକୁ ଦେଖିଲେ ଜଣେ ହଜାର ଥର ଭାବିବେ ଖାଇବେ କି ନାହିଁ ବୋଲି। କାରଣ ଏହା ହେଉଛି ଚପଲ ପକୁଡ଼ି। ଭାବୁଥିବେ ଇଏ ପୁଣି କେଉଁ ପ୍ରକାରର ପକୁଡ଼ି ? ପ୍ରକୃତ କଥା ହେଲା ଏହି ପକୁଡ଼ି ଦେଖିବାକୁ ପୁରାପୁରି ଚପଲ ପରି। କଡେଇରେ ଯେତେବେଳେ ଏହାକୁ ଛଣାଯାଏ ଲାଗେ ସତେ ଯେମିତି ଅନେକ ଚପଲ ତେଲରେ ଭାସୁଛି। ହେଲେ ବେସନରେ ଚପଲକୁ ଗୋଳାଇ ତାକୁ ଛାଣି ଏହି ପକୁଡ଼ିକୁ ପ୍ରସ୍ତୁତ କରାଯାଇ ନ ଥାଏ। କାରଣ ଏହା ସତସତିକା ଚପଲ ନୁହେଁ। ବରଂ ଏହା ଚପଲ



ଆକୃତିର ପକୁଡ଼ି ଅଟେ। ଏହି ପକୁଡ଼ିକୁ 'କ୍ୟାରିପାପ' ବା 'କରିପଫ୍' କୁହାଯାଏ। ଆଉ ଏହା ଖାସ୍‌କରି ମାଲେସିଆରେ ମିଳେ। ସୋସିଆଲ ମିଡ଼ିଆରେ ଏହି ପକୁଡ଼ି ଏବେ ଭାଇରାଲ ହେବାରେ ଲାଗିଛି। ଏହାକୁ ପ୍ରସ୍ତୁତ କରିବା ଲାଗି ବିଭିନ୍ନ ପ୍ରକାରର ମାଂସକୁ ଚପଲ ଆକୃତିରେ କାଟି ମସଲାରେ ଗୋଳାଇ ମାରିନେଟ୍ କରାଯାଏ। ପରେ ଅଟାକୁ ବେଲି ତା' ଚାରିପଟେ ଗୁଡାଯାଏ ଓ ତାକୁ ତେଲରେ ଛଣାଯାଏ। ଫଳରେ ଏହାର ବାହାର କ୍ରିସ୍ପି ଓ ଭିତର ରସିଲା ହୋଇଥାଏ। ମାଲେସିଆରେ କେବଳ ଚପଲ ପକୁଡ଼ି ନୁହେଁ, ଆହୁରି ଅନେକ ଅଜବ ଆକୃତିର ପକୁଡି ମିଳେ।